EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ ସଂଖ୍ୟା-୪୬ ୨୬ ନଭେମ୍ବର - ୦୨ ଡିସେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-46 26th NOVEMBER - 02nd DECEMBER, 2018 BHUBANESWAR ₹ 5/- (8 Pages)



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** – ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ। ବ୍ୟବସାୟରେ ଉନ୍ନତି ହେବ।

**ମିଥୁନ** – କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**କର୍କଟ** – କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**ସିଂହ** – ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ।

**କନ୍ୟା** – କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ହୋଇପାରେ।

**ତୁଳା** – ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**ବିଛା** – ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।

**ଧନୁ** – ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ମକର** – ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**କୁମ୍ଭ** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭରୁ ବଞ୍ଚିତ ରହିବେ।

**ମୀନ** – ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନରେ କଳହ ଉପୁଜିପାରେ। ମାନସିକ ଚିନ୍ତାରେ ବୁଡି ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ୩ ହଜାର ନକଲି ବିଦେଶୀ ଡାକ୍ତର ବ୍ରିଟେନରେ

**ଲଣ୍ଡନ :** ଡାକ୍ତରୀ ସାର୍ଟିଫିକେଟ୍ ନଥାଇ ଜଣେ ମହିଳା ବିଗତ ୨୨ ବର୍ଷ ଧରି ମାନସିକ ରୋଗୀଙ୍କୁ ଚିକିତ୍ସା କରୁଥିବାର ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ତରଫରୁ ନକଲି ଡାକ୍ତରଙ୍କ ଉପରେ ଚଢ଼ାଉ ଆରମ୍ଭ କରାଯାଇଥିଲା। ବ୍ରିଟେନ୍‌ରେ ପ୍ରାୟ ୩୦୦୦ ନକଲି ଡାକ୍ତର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ ଅକ୍ଟୋବରରେ ନକଲି ଡାକ୍ତରାଣୀ ଝୋଲିଆ ଆଲେମୀଙ୍କୁ ଗିରଫ କରାଯାଇଥିଲା। ୧୯୯୫ରେ ଝୋଲିଆ ବ୍ରିଟେନ୍ ମେଡିକାଲ କର୍ତ୍ତୃପକ୍ଷଙ୍କ ମନରେ ବିଶ୍ୱାସ ଜନ୍ମାଇ ସେ ନ୍ୟୁଜିଲାଣ୍ଡସ୍ଥିତ ଅକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟରୁ ଡାକ୍ତରୀ ପାସ୍ କରିଥିବା ଜଣାଇଥିଲେ। କିନ୍ତୁ ଗତ କିଛିଦିନ ଧରି ବ୍ରିଟେନର ଜେନେରାଲ ମେଡିକାଲ କାଉନ୍‌ସିଲ ତରଫରୁ ଚାଲିଥିବା ଡାକ୍ତରୀ ପେସା ଲାଇସେନ୍ସ ଯାଞ୍ଚରେ ଆଲେମୀଙ୍କ ମିଛ ଧରାପଡ଼ିଯାଇଥିଲା। ୧୯୯୦ରୁ ଦେଶରେ କାର୍ଯ୍ୟରତ ପେସାଦାର ଡାକ୍ତରଙ୍କ ଯାଞ୍ଚ ଚାଲିଛି। ଜେନେରାଲ ମେଡିକାଲ କାଉନ୍‌ସିଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଚାର୍ଲି ମାସେଙ୍କ ମତରେ ରୋଗୀଙ୍କ ବିଶ୍ୱାସକୁ ଶୋଷଣ କରିବା ଡାକ୍ତରୀ ପେସାର ପରିପନ୍ଥୀ। ପ୍ରକୃତ ପେସାଦାର ଡାକ୍ତରଙ୍କଠାରୁ ରୋଗୀମାନେ ଉପଯୁକ୍ତ ସେବା ପାଇବାକୁ ହକ୍‌ଦାର। ଆଲେମୀ ୧୯୯୫ ମେଡିକାଲ ଆଇନ୍‌ର ଗଳାବାଟରେ ଡାକ୍ତରୀ ସେବା ଲାଇସେନ୍ସ ପାଇଥିଲେ। ଉକ୍ତ ମେଡିକାଲ ଆଇନ୍ ୨୦୦୩ରେ ହଟାଇ ନିଆଯାଇଥିଲା। ନୂତନ ଡାକ୍ତରୀ ପେସା ଆଇନ୍‌ରେ ଆଲେମୀଙ୍କ ମିଛ ଧରା ପଡ଼ି ଯାଇଥିଲା। ଉଭୟ ସରକାର ଓ ଲୋକଙ୍କ ଆଖିରେ ଧୂଳି ଦେଇ ଆଲେମୀ ରୋଗୀସେବା ଜାରି ରଖିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ବ୍ରିଟେନ୍‌ର ଆଞ୍ଚଳିକ ସମ୍ବାଦପତ୍ର ତଦନ୍ତ କରି ଆଲେମୀଙ୍କ ପ୍ରକୃତ ସତ୍ୟ ଜାଣିବା ପରେ ବ୍ରିଟେନ୍ ଡାକ୍ତରୀ କାଉନ୍‌ସିଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଅତୀତରେ ବହୁ ମହିଳାଙ୍କ ଘଣ୍ଟା ଚୋରି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଆଲେମୀ ୫ ବର୍ଷ ଜେଲଦଣ୍ଡ ଭୋଗିଥିଲେ। ଧରାପଡ଼ିବା ପରେ ନିଜକୁ ମାନସିକ ରୋଗୀ ଜୁଲିଆ ଭାବେ ଚିତ୍ରଣ କରିଥିଲେ ଆଲେମୀ। ନିଜ ପରିବାର ସମ୍ପର୍କରେ ସାମାନ୍ୟ ସୂଚନା ଦେଇ ନଥିଲେ।

## ବୁଲେଟ୍ ଟ୍ରେନ୍ ଚଳାଇବାକୁ ଜର୍ମାନୀର ପ୍ରସ୍ତାବ

**ନୂଆଦିଲ୍ଲୀ :** ଭାରତରେ ବୁଲେଟ୍ ଟ୍ରେନ ଚଳାଚଳ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ଏବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଏବଂ ପର୍ଯ୍ୟଟନ ସ୍ଥଳଗୁଡିକୁ ବୁଲେଟ୍ ଟ୍ରେନ ପାଇଁ ପ୍ରସ୍ତାବ ପରେ ପ୍ରସ୍ତାବ ଆସିବାରେ ଲାଗିଛି। ଜାପାନ ସହାୟତାରେ ପ୍ରଥମେ ମୁମ୍ବାଇ ଠାରୁ ଅହମ୍ମଦାବାଦକୁ ଚାଲିବାକୁ ଥିବା ବୁଲେଟ୍ ଟ୍ରେନ ପ୍ରକଳ୍ପ କାର୍ଯ୍ୟର ଉଦ୍‌ଘାଟନ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଗତ କିଛି ଦିନ ତଳେ କରିଥିବା ବେଳେ ଚେନ୍ନାଇ ଠାରୁ ମହୀଶୂର ପର୍ଯ୍ୟନ୍ତ ବୁଲେଟ୍ ଟ୍ରେନ ଚଳାଚଳ ପାଇଁ ଜର୍ମାନ ସରକାର ଭାରତୀୟ ରେଳ ବିଭାଗକୁ ପ୍ରସ୍ତାବ ଦେଇଛନ୍ତି। ଚେନ୍ନାଇ-ଆରକୋଣମ୍-ବାଙ୍ଗାଲୋର-ମହୀଶୂର ରୁଟ୍‌ରେ ଏହି ଟ୍ରେନ ଚଳାଚଳ ପାଇଁ ଜର୍ମାନ ପକ୍ଷରୁ ଭାରତ ସରକାରଙ୍କୁ ଏକ ଫିଜିବିଲିଟି ରିପୋର୍ଟ ଦିଆଯାଇଥିବା ବେଳେ ୪୩୫ କିମି



ଲମ୍ବ ଏହି ରାସ୍ତା ପାଇଁ ମାତ୍ର ୨ଘଣ୍ଟା ୨୫ ମିନିଟ୍ ସମୟ ଲାଗିବ ଏବଂ ଏହି ରୁଟ୍‌ରେ ବୁଲେଟ୍ ଟ୍ରେନ ଘଣ୍ଟା ପ୍ରତି ୩୨୦ କିମି ବେଗରେ ଗତି କରିପାରିବ ବୋଲି କୁହାଯାଇଛି। ଏହା ଦ୍ୱାରା ପ୍ରଚଳିତ ରେଳ ବ୍ୟବସ୍ଥା ଅନୁସାରେ ଯାତ୍ରା ସମୟ ୫ ଘଣ୍ଟା କମିଯିବ। ୨୦୩୦ ମସିହା ସୁଦ୍ଧା ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜର୍ମାନ ରାଷ୍ଟ୍ରଦୂତ ମାର୍ଟିନ ନେ ରେଳବାଇ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀଙ୍କୁ ଭେଟିବା ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚେନ୍ନାଇ ବାଙ୍ଗାଲୋର ମଧ୍ୟରେ ଯାତ୍ରା ସମୟ ୧୦୦ ମିନିଟ୍ କମିଯିବା ସହ ବାଙ୍ଗାଲୋର ମହୀଶୂର ମଧ୍ୟରେ ମଧ ଯାତ୍ରା ସମୟ ୪୦ ମିନିଟ୍ ହ୍ରାସ ପାଇବ ବୋଲି କୁହାଯାଇଛି। ଏଥିପାଇଁ ପ୍ରାୟ ୧ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। କେବଳ ଯାତ୍ରା ସମୟ ନୁହେଁ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା ଚେନ୍ନାଇ ବାଙ୍ଗାଲୋର ମଧ୍ୟରେ ଏୟାର ଟ୍ରାଫିକ ଭିଡକୁ ମଧ କମାଇ ଦିଆଯାଇପାରିବ। କାରଣ ଏୟାରପୋର୍ଟକୁ ଯିବା ଏବଂ ବିମାନ ଯାତ୍ରା ପାଇଁ ଯେତିକି ସମୟ ଲାଗିଥାଏ ସେତୁଳନାରେ ବୁଲେଟ୍ ଟ୍ରେନ ବ୍ୟବସ୍ଥାରେ ମଧ ପାଖାପାଖି ସେତିକି ସମୟ ଲାଗିବ ବୋଲି କୁହାଯାଇଛି। ଏହି ରୁଟ୍ ବ୍ୟତୀତ ନୂଆଦିଲ୍ଲୀ-ମୁମ୍ବାଇ, ଦିଲ୍ଲୀ-କୋଲକାତା, ଦିଲ୍ଲୀ- ନାଗପୁର, ମୁମ୍ବାଇ-ଚେନ୍ନାଇ ଏବଂ ମୁମ୍ବାଇ-ନାଗପୁର ମଧ୍ୟରେ ବୁଲେଟ୍ ଟ୍ରେନ ଚଳାଚଳ ପାଇଁ ମଧ ଯୋଜନା ଆରମ୍ଭ ହୋଇଥିବା କୁହାଯାଇଛି।

## କୃତ୍ରିମ ବର୍ଷା ରୋକିବ ଦିଲ୍ଲୀ ପ୍ରଦୂଷଣ

**ନୂଆଦିଲ୍ଲୀ :** ରାଜଧାନୀ ନୂଆଦିଲ୍ଲୀର ପ୍ରଦୂଷଣ ମାତ୍ରା କମାଇବା ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରୀ ମହେଶ ଶର୍ମା କୃତ୍ରିମ ବର୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆକାଶରେ କୃତ୍ରିମ ବାଦଲ ସଞ୍ଚାର କରି ବର୍ଷା କରାଇବେ ସରକାର। ଦିଲ୍ଲୀ ବାୟୁର ମାନ 'ବିପଦ'ରୁ 'ମହାବିପଦ' ମଧ୍ୟରେ ଥିବାରୁ ସରକାର ଚିନ୍ତା ପ୍ରକଟ କରିଛନ୍ତି। ବିଶେଷ କରି ଦୀପାବଳି ପରେ ଦିଲ୍ଲୀ ବାୟୁରେ ବିଷାକ୍ତ କଣିକା ହାର ଯଥେଷ୍ଟ ବୃଦ୍ଧି ପାଇଛି। ନୂଆଦିଲ୍ଲୀରେ ଟ୍ରକ୍ ପ୍ରବେଶକୁ ନିଷେଧ କରାଯାଇଛି। ଫଳରେ ଅନେକ ସ୍ଥାନରେ ନିର୍ମାଣ ସାମଗ୍ରୀଗୁଡ଼ିକ ପଡ଼ିରହିଛି। ସୁପ୍ରିମକୋର୍ଟଙ୍କ ନିଯୁକ୍ତ ପରିବେଶ ପ୍ରଦୂଷଣ (ସୁରକ୍ଷା ଓ ନିୟନ୍ତ୍ରକ) ପ୍ରାଧିକରଣ କହିଛନ୍ତି, କଟକଣା ଲାଗୁ କରିଦେଲେ ବାସ୍ତବ ସମସ୍ୟା ଦୂରୀଭୂତ ହୋଇଯିବନି। ପ୍ରାଧିକରଣ ଧୂମହୀନ ଯାନ ଚଳାଚଳକୁ ଗୁରୁତ୍ୱ ଦେଇଥିଲେ। ଡିଜେଲ ଚାଳିତ ଯାନବାହନ ଚଳାଚଳ ନିଷେଧ ପାଇଁ ପରାମର୍ଶ ଦେଇଥିଲେ। ଯଦିଓ କୃତ୍ରିମ ବର୍ଷା ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ। ଶର୍ମାଙ୍କ ମତରେ ସର୍ବଶେଷ ବିକଳ୍ପ ହିସାବରେ କୃତ୍ରିମ ବର୍ଷାକୁ ଗ୍ରହଣ କରାଯିବ। ଆକାଶରେ କୃତ୍ରିମ ବାଦଲ ସୃଷ୍ଟି ପାଇଁ ବାୟୁମଣ୍ଡଳରେ କିଛି ରାସାୟନିକ ଦ୍ରବ୍ୟ ପ୍ରୟୋଗ କରିବାକୁ ହେବ। ଯାହା କୃତ୍ରିମ ବର୍ଷା ସୃଷ୍ଟି କରିବ। ଦିଲ୍ଲୀ ପ୍ରଦୂଷଣ ମାତ୍ରା କମାଇବାରେ ଏହି ପ୍ରସ୍ତାବ କେତେଦୂର ଉପଯୁକ୍ତ ସାବ୍ୟସ୍ତ ହେବ, ତାହା ଅସ୍ପଷ୍ଟ ଅଛି। ବାୟୁ ପ୍ରଦୂଷଣ କାରଣରୁ ବରିଷ୍ଠ ବ୍ୟକ୍ତି, ଛୋଟପିଲାଙ୍କର ଶ୍ୱାସକ୍ରିୟାରେ ବାଧା ଉପୁଜିଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି, ଦିଲ୍ଲୀ ବାୟୁମଣ୍ଡଳରେ ଚଳାଚଳ କରୁଥିବା ଲୋକଙ୍କ ଆୟୁଷରେ ହାରାହାରି ୧୦ ବର୍ଷ କମିଯାଇଛି। ଏଥିରେ ନିୟନ୍ତ୍ରଣ କରା ନଗଲେ, ଦିଲ୍ଲୀବାସୀଙ୍କୁ ମାରାତ୍ମକ ରୋଗ ଭୋଗିବାକୁ ପଡ଼ିବ।

## ସେବା ପରିବର୍ତ୍ତେ ଶୁଳ୍କ ଆଦାୟ କରିବେ ଦୂର ସଞ୍ଚାର କମ୍ପାନୀ

**ନୂଆଦିଲ୍ଲୀ :** ବର୍ତ୍ତମାନ ସମୟରେ ଦୂରସଞ୍ଚାର କମ୍ପାନୀଗୁଡ଼ିକ ତରଫରୁ ଇନ୍‌କମିଙ୍ଗ୍ କଲ୍, ଏସ୍‌ଏମ୍‌ଏସ୍ ଏବଂ ଡାଟା ସମେତ ଗ୍ରାହକମାନଙ୍କ ପାଇଁ ମାଗଣାରେ ବିଭିନ୍ନ ପ୍ରକାରର ସୁବିଧା ଉପଲବ୍ଧ କରାଯାଉଛି। ମାତ୍ର ଏହା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କେତେକ କମ୍ପାନୀ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏସମସ୍ତ ସେବାକୁ ନିଃଶୁଳ୍କ ପାଇବାକୁ ହେଲେ ଗ୍ରାହମାନଙ୍କୁ ଏବେଠାରୁ ଏଥିପାଇଁ ଟଙ୍କା ପରିଶୋଧ କରିବାକୁ ହେବ। ତେବେ ଗତ କିଛିବର୍ଷ ଧରି ଭାରତୀୟ ଦୂରସଞ୍ଚାର କ୍ଷେତ୍ରରେ ବେଶ୍ କିଛି ପରିବର୍ତ୍ତନ ହୋଇଛି। ବଜାରରେ ରିଲାଏନ୍ସ ଜିଓର ଆଗମନ ଇଣ୍ଡଷ୍ଟ୍ରିରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବା ସମେତ ଖୁବ୍ ଶସ୍ତାରେ ଡାଟା ଯୋଗାଇଲା। ସେହିପରି ମାଗଣାରେ ସମସ୍ତ ଇନ୍‌କମିଂ କଲ୍ ଓ ଏସ୍‌ଏମ୍‌ଏସ୍ ସୁବିଧା ଉପଲବ୍ଧ କରାଇ କେବଳ ଡାଟା ପାଇଁ ଟଙ୍କା ନେଉଥିବା ସୂଚିତ କଲା, ଯାହା ଫଳରେ ବୃହତ୍ ସଂଖ୍ୟକ ଗ୍ରାହକ ରିଲାଏନ୍ସ ଜିଓକୁ ଆପଣାଇ କମ୍ ଟଙ୍କାରେ ଅନେକ ସୁବିଧା ହାସଲ କଲେ। ଖୁବ୍ କମ୍ ସମୟ ମଧ୍ୟରେ ରିଲାଏନ୍ସ ଜିଓର ଲୋକପ୍ରିୟତା ବଢ଼ିବାରୁ ଏହା ଅନ୍ୟ ସମସ୍ତ ଦୂରସଞ୍ଚାର ଫାର୍ମକୁ ବିପୁଳ ପରିମାଣରେ ପ୍ରଭାବିତ କଲା। ତେଣୁ ଆଇଡିଆ-ଭୋଡାଫୋନ୍ ଏବଂ ଏୟାରଟେଲ୍ ଭଳି ବିଶିଷ୍ଟ କମ୍ପାନୀଗୁଡ଼ିକ ତରଫରୁ ନିଜନିଜ ଗ୍ରାହକଙ୍କୁ ଅଧିକ ଆକର୍ଷିତ କରିବା ଲାଗି ଶସ୍ତାରେ ବିଭିନ୍ନ ଅଫର୍ ଉପଲବ୍ଧ କରାଗଲା।



ମାତ୍ର ଶସ୍ତା ଅଫର୍ ଦେବାରୁ ଉକ୍ତ କମ୍ପାନୀଗୁଡ଼ିକର ରୋଜଗାର କ୍ରମଶଃ ହ୍ରାସ ପାଉଛି। ଏଥିରୁ ମୁକୁଳିବା ପାଇଁ କମ୍ପାନୀଗୁଡ଼ିକ ନୂତନ ଉପାୟ ଆପଣାଇଛନ୍ତି। ବର୍ତ୍ତମାନ କମ୍ପାନୀଗୁଡ଼ିକ ସମସ୍ତ ଉପଭୋକ୍ତାଙ୍କ ପାଇଁ ଅତି କମ୍‌ରେ ୩୫ ଟଙ୍କାର ରିଚାର୍ଜକୁ ବାଧ୍ୟତାମୂଳକ କରିଦେଇଛନ୍ତି। ଏପରି ନକରିବା ଦ୍ୱାରା ଗ୍ରାହକମାନଙ୍କ ଇନ୍‌କମିଙ୍ଗ୍ କଲ୍ ସୁବିଧା ବନ୍ଦ କରିଦିଆଯିବ ବୋଲି କମ୍ପାନୀ ତରଫରୁ ସୂଚିତ କରାଯାଇଛି। ୩୫ ଟଙ୍କାର ରିଚାର୍ଜରେ ଗ୍ରାହକଙ୍କୁ ୨୮ ଦିନ ପର୍ଯ୍ୟନ୍ତ ୨୬ ଟଙ୍କାର ବାଲାନ୍ସ ମିଳିବ ଏବଂ ବୈଧତା ସରିବା ପରେ ପୁନଶ୍ଚ ରିଚାର୍ଜ ନକଲେ ଗ୍ରାହକମାନଙ୍କର ବାଲାନ୍ସ ଥିବା ସତ୍ତ୍ୱେ ଆଉଟ୍‌ଗୋଇଙ୍ଗ୍ କଲ୍ ସେବା ବନ୍ଦ କରିଦିଆଯିବ। ଯଦି ଗ୍ରାହକମାନେ ଏହାର କିଛି ସମୟ ମଧ୍ୟରେ ରିଚାର୍ଜ କରିବେ ନାହିଁ ତେବେ ତାଙ୍କର ଇନ୍‌କମିଙ୍ଗ୍ କଲ୍ ସେବା ମଧ ବନ୍ଦ ହୋଇଯିବ। ତେବେ ସେବା ପରିବର୍ତ୍ତେ ଶୁଳ୍କ ଆଦାୟ କରିବା ଲାଗି ଏହି ନୂତନ ନିୟମ ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀ କହିଛି।

## ମାର୍ଚ୍ଚ ସୁଦ୍ଧା ବନ୍ଦ ହେବ ୨.୩୮ ଲକ୍ଷ ଏଟିଏମ୍ !

**ମୁମ୍ବାଇ :** ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ଦେଶର ଅଧାରୁ ଅଧିକ ଅର୍ଥାତ୍ ପ୍ରାୟ ୨.୩୮ ଲକ୍ଷ ଏଟିଏମ୍ କାଉଣ୍ଟର ବନ୍ଦ ହୋଇଯିବ ବୋଲି ଚେତାବନୀ ଦେଇଛି ଏଟିଏମ୍ ଶିଳ୍ପ ମହାସଂଘ 'କନ୍‌ଫିଡେରେସନ୍ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି' (କ୍ୟାଟ୍‌ମି)। ବର୍ତ୍ତମାନ ଏଟିଏମ୍ ପରିଚାଳନା ବ୍ୟବସ୍ଥାରେ ଯେଭଳି ପରିବର୍ତ୍ତନ ହେବାକୁ ଯାଉଛି ତଦ୍ୱାରା ଏଟିଏମ୍ ପରିଚାଳନା କ୍ଷେତ୍ର ସହ ସଂପୃକ୍ତ ସଂସ୍ଥା କିମ୍ବା ତୃତୀୟ ପକ୍ଷ ସଂସ୍ଥାମାନଙ୍କୁ ଅଧିକ ବ୍ୟୟ ଭାର ବହନ କରିବାକୁ ପଡୁଥିବାରୁ ସେମାନେ ଆଉ ଏଥିପାଇଁ ଆଗ୍ରହ ପ୍ରକାଶ କରିବେ ନାହିଁ। ଫଳରେ ଦେଶର ଅଧାରୁ ଅଧିକ ଏଟିଏମ୍ ନିଶ୍ଚିତ ଭାବେ ବନ୍ଦ ହୋଇଯିବ ବୋଲି କ୍ୟାଟ୍‌ମି ପକ୍ଷରୁ କୁହାଯାଇଛି। ବୁଧବାର କ୍ୟାଟ୍‌ମି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏଟିଏମ୍ ପରିଚାଳନା ଓ ନିୟନ୍ତ୍ରଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଥିବା ବେଳେ ହାର୍ଡୱେର୍ ଏବଂ ସଫ୍ଟୱେର ଅପ୍‌ଗ୍ରେଡେସନ୍, ବାଧ୍ୟତାମୂଳକ ଭାବେ କ୍ୟାସ୍ ମ୍ୟାନେଜମେଣ୍ଟ ଷ୍ଟାଣ୍ଡାର୍ଡରେ ପରିବର୍ତ୍ତନ ଏବଂ କ୍ୟାସ୍ ଲୋଡିଂ ବ୍ୟବସ୍ଥାରେ କ୍ୟାସେଟ୍ ସ୍ୱାପ୍ ବ୍ୟବସ୍ଥା କରିବା ବାଧ୍ୟତାମୂଳକ କରାଯାଇଥିବାରୁ ପ୍ରଚଳିତ ପରିଚାଳନାଗତ ବ୍ୟୟ ଭାର ତୁଳନାରେ ଏଥିପାଇଁ ଅଧିକ ବ୍ୟୟ ହେବ। କେବଳ ନୂତନ କ୍ୟାସ୍ ପରିବହନ ବ୍ୟବସ୍ଥା ଏବଂ କ୍ୟାସେଟ୍ ସ୍ୱାପ୍ ବ୍ୟବସ୍ଥା ପାଇଁ ଏଟିଏମ୍ ଶିଳ୍ପ କ୍ଷେତ୍ରକୁ ଅଧିକ ୩୦୦୦ କୋଟି ଟଙ୍କା ବ୍ୟୟ କରିବାକୁ ପଡିବ ବୋଲି କ୍ୟାଟ୍‌ମି ପକ୍ଷରୁ କୁହାଯାଇଛି। ଭାରତରେ ବିମୁଦ୍ରାକରଣ ପରେ ଏଟିଏମ୍ ଶିଳ୍ପ ସହ ଜଡିତ ସଂସ୍ଥା କିମ୍ବା ଉଦ୍ୟୋଗମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଏବଂ ସେମାନଙ୍କ ବ୍ୟବସାୟରେ କ୍ଷତି ଘଟିଆସୁଥିବା ବେଳେ ନୂତନ ନିୟନ୍ତ୍ରଣ ବ୍ୟବସ୍ଥାରେ କରାଯାଇଥିବା ବିଭିନ୍ନ ବିଷୟ ପାଇଁ ଏହି ସଂସ୍ଥାମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯିବ ବୋଲି କୁହାଯାଇଛି। ସାଧାରଣତଃ ତିନୋଟି ବ୍ୟବସ୍ଥାରେ ଭାରତରେ ଏଟିଏମ୍ ପରିଚାଳନା କରାଯାଇଥିଲା ବେଳେ 'ବ୍ରାଉନ ଲେଭଲ୍ ଏଟିଏମ୍ ଡିପ୍ଲୟର୍ସ' ଏବଂ ହ୍ୱାଇଟ୍ ଲେଭଲ୍ ଏଟିଏମ୍ ଡିପ୍ଲୟର୍ସ(ଡବ୍ଲ୍ୟୁଏଲଏଓ) ଦ୍ୱାରା ସର୍ବାଧିକ ଏଟିଏମ ପରିଚାଳନା କରାଯାଇଥାଏ। ହ୍ୱାଇଟ୍ ଲେଭଲ୍ ଏଟିଏମ୍ ବ୍ୟବସ୍ଥାରେ ଅଣ




ବ୍ୟାଙ୍କିଙ୍ଗ ସଂସ୍ଥାମାନଙ୍କ ଦ୍ୱାରା ଏଟିଏମ୍ ସ୍ଥାପନ, ଅଧିଗ୍ରହଣ ଏବଂ ପରିଚାଳନା କରାଯାଇଥିବା ବେଳେ ବ୍ରାଉନ ଲେଭଲ୍ ଏଟିଏମ୍ ବ୍ୟବସ୍ଥାରେ କୌଣସି ବ୍ୟାଙ୍କ ଏଟିଏମ୍ ଅଧିଗ୍ରହଣ କରିବା ସହ ଏହାର ହାର୍ଡୱେର ବ୍ୟବସ୍ଥା ନିଜେ କରିଥିବା ବେଳେ କେବଳ ଯେକୌଣସି ଅଣ ବ୍ୟାଙ୍କିଙ୍ଗ ସଂସ୍ଥା ଦ୍ୱାରା କ୍ୟାସ୍ ପରିଚାଳନା ବ୍ୟବସ୍ଥା କରିଥାଏ। ତେବେ ସାଂପ୍ରତିକ ପରିସ୍ଥିତିରେ ଏହି ଦୁଇଟି ଶ୍ରେଣୀର ଏଟିଏମ୍ ପରିଚାଳନାକାରୀ ସଂସ୍ଥା ନୂତନ ବ୍ୟବସ୍ଥାରେ କାର୍ଯ୍ୟ କରିବାକୁ ଅପ୍ରସ୍ତୁତ ବୋଲି କହିବା ପରେ ଆଗାମୀ ଦିନରେ ଦେଶର ଲକ୍ଷ ଲକ୍ଷ ସଂଖ୍ୟକ ଏଟିଏମ୍ ବନ୍ଦ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ସଂଖ୍ୟାରେ ଏଟିଏମ ବନ୍ଦ ହୋଇଗଲେ ଦେଶରେ କେବଳ ଆର୍ଥିକ ବ୍ୟବସ୍ଥା ନୁହେଁ, ନିଯୁକ୍ତି କ୍ଷେତ୍ର ମଧ ସର୍ବାଧିକ ଭାବେ ପ୍ରଭାବିତ ହେବ ବୋଲି କ୍ୟାଟ୍‌ମି ପକ୍ଷରୁ କୁହାଯାଇଛି। ୨୦୧୯ ମାର୍ଚ୍ଚ ମାସ ସୁଦ୍ଧା ପ୍ରାୟ ଏକ ଲକ୍ଷ ଅଫ୍ -ସାଇଟ୍ ଏଟିଏମ୍ ଏବଂ ୧୫୦୦୦ହ୍ୱାଇଟ୍ ଲେଭଲ୍ ଏଟିଏମ୍ ବନ୍ଦ ହେବାକୁ ଥିବାରୁ ଆର୍ଥିକ ଦେଣନେଣରେ ସଙ୍କଟ ସୃଷ୍ଟି ହେବ। ବିଶେଷ କରି ଗ୍ରାମାଞ୍ଚଳ ଏବଂ ମଧ୍ୟମ ସହରାଞ୍ଚଳରେ ରହିଥିବା ଏଟିଏମ୍‌ଗୁଡିକୁ ବନ୍ଦ କରିବାକୁ ପଡିବ ବୋଲି କ୍ୟାଟ୍‌ମି ପକ୍ଷରୁ କୁହାଯାଇଥିବା ବେଳେ ଏହା ଯୋଗୁ ସାଧାରଣ ଲୋକଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ଷ୍ଟାଚ୍ୟୁ ଅଫ୍ ୟୁନିଟି ଠାରୁ ବଡ଼ ହେବ ଆନ୍ଧ୍ର ବିଧାନସୌଧ

**ବିଜୟୱାଡା :** ବିଜେପିକୁ ଟକ୍କର ଦେବାକୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ତାଙ୍କର ଅଭିଯାନ ଜାରି ରଖିଛନ୍ତି। ଯେଉଁଥିପାଇଁ ଗୁଜରାଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଠାରୁ ଆହୁରି ଉଚ୍ଚତମ ନିର୍ମାଣ ପାଇଁ ଘୋଷଣା କରିଛନ୍ତି ଚନ୍ଦ୍ରବାବୁ। ଆନ୍ଧ୍ରପ୍ରଦେଶ ବିଧାନସୌଧକୁ ପଟେଲଙ୍କ ଷ୍ଟାଚ୍ୟୁ ଅପେକ୍ଷା ଆହୁରି ବଡ଼ କରିବେ ବୋଲି ସେ କହିଛନ୍ତି। ଆନ୍ଧ୍ରପ୍ରଦେଶ ବିଧାନସୌଧ ଅମରାବତୀରେ ନିର୍ମାଣ କରାଯିବ। ଷ୍ଟାଚ୍ୟୁ ଅଫ୍ ୟୁନିଟିର ଉଚ୍ଚତା ୧୮୨ ମିଟର ହୋଇଥିଲା ବେଳେ ଆନ୍ଧ୍ରପ୍ରଦେଶ ବିଧାନସୌଧର ଉଚ୍ଚତା ଆହୁରି ୬୮ ମିଟର ଅଧିକ ହେବ ବୋଲି ପରିକଳ୍ପନା କରାଯାଇଛି। ଇତିମଧ୍ୟରେ ନାଇଡୁ ଏହି ବିଧାନସୌଧର ନକ୍ସା ଚୂଡ଼ାନ୍ତ କରିଛନ୍ତି। ବ୍ରିଟେନ୍‌ର ସ୍ଥପତି ନୋର୍ମା ଫୋଷ୍ଟର୍ସ ରାଜ୍ୟ ସରକାରଙ୍କୁ ଏହାର ବ୍ଲୁ ପ୍ରିଣ୍ଟ୍ ପ୍ରଦାନ କରିଛନ୍ତି।

## ବିଶ୍ୱର ସର୍ବବୃହତ୍ ରିଫାଇନାରୀ ପ୍ରକଳ୍ପ ହେବ ଜାମନଗର ପ୍ଲାଣ୍ଟ୍

**ନୂଆଦିଲ୍ଲୀ :** ମୁକେଶ ଅମ୍ବାନୀ ଗୋଷ୍ଠୀ ଅନ୍ତର୍ଭୁକ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହାର ତୈଳ ବିଶୋଧନ କ୍ଷମତା ସଂପ୍ରସାରଣ ପାଇଁ ଯୋଜନା କରୁଥିବା ଜଣାପଡିଛି। ଏହି କ୍ଷମତା ସଂପ୍ରସାରଣ ପାଇଁ କମ୍ପାନୀର ଜାମନଗର ସ୍ଥିତ ପ୍ଲାଣ୍ଟ ଅଞ୍ଚଳରେ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି କୁହାଯାଉଥିବା ବେଳେ ଏହା ବାସ୍ତବାୟିତ ହେଲେ ଏହି ନୂତନ ପ୍ଲାଣ୍ଟରୁ ବାର୍ଷିକ ୩୦ ନିୟୁତ ଟନ୍ ଅଶୋଧିତ ତୈଳ ବିଶୋଧନ କରାଯାଇପାରିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏସମ୍ପର୍କରେ କିଛି କୁହାଯାଇନଥିଲେ ମଧ ଏହି ପ୍ରକଳ୍ପ ସହ ଜଡିତ କେତେକ ବ୍ୟକ୍ତି ବିଶେଷ ଘରୋଇ ସ୍ତରରେ ଏହି ଯୋଜନା ବାବଦରେ ସୂଚନା ଦେଇଛନ୍ତି। ବିଶ୍ୱର ଅନ୍ୟତମ ପ୍ରମୁଖ ଇନ୍ଧନ ବ୍ୟବହାରକାରୀ ରାଷ୍ଟ୍ର ଭାବେ ଦିନକୁ ଦିନ ତୈଳର ଚାହିଦା ବୃଦ୍ଧି ପାଉଥିବା ବେଳେ ଭାରତରେ ତୈଳ ବିଶୋଧନ କ୍ଷେତ୍ରରେ ସାଉଦି ଆରାମ୍‌କୋ, ଆବୁଧାବି ନ୍ୟାସନାଲ ଅଏଲ କୋ ଏବଂ ରୁଷିଆର ରୋସ୍‌ନେଫ୍ଟ, ପିଜେଏସ୍‌ସି ଆଦି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଏଠାରେ ବିଭିନ୍ନ ତୈଳ କମ୍ପାନୀଗୁଡିକୁ ଅଧିଗ୍ରହଣ କରି ସେମାନଙ୍କ ଉପସ୍ଥିତି ଜାହିର କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସେହିଭଳି ଟୋଟାଲ ଏସ୍‌ଏ ଏବଂ ରୟାଲ ଡଚ୍ ସେଲ୍ କମ୍ପାନୀ ମଧ ଭାରତରେ ଖାଉଟି ତୈଳ ବିତରଣ କ୍ଷେତ୍ରରେ ପ୍ରବେଶ କରିବାକୁ ଯୋଜନା ଆରମ୍ଭ କରିଛନ୍ତି। ୨୦୪୦ ମସିହା ସୁଦ୍ଧା ଭାରତର ଇନ୍ଧନ ଶକ୍ତି ଚାହିଦା ଦ୍ୱିଗୁଣରୁ ଅଧିକ ହେବ ବୋଲି ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି ପକ୍ଷରୁ ଆକଳନ କରାଯାଇଥିବା ବେଳେ ଭବିଷ୍ୟତରେ ଅଶୋଧିତ ତୈଳ ବିଶୋଧନର ଆବଶ୍ୟକତା ମଧ ତଦନୁପାତିକ ବୃଦ୍ଧି ପାଇବ। ତେଣୁ ତୈଳ ରିଫାଇନାରୀ କ୍ଷେତ୍ରରେ ସର୍ବବୃହତ କମ୍ପାନୀ ଭାବେ ପ୍ରତିଷ୍ଠାଲାଭ କରିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ସୁଯୋଗ ହାତଛଡା କରିବାକୁ ଚାହୁଁ ନାହିଁ। ଜାମନଗର ଠାରେ ନୂତନ ରିଫାଇନାରୀ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆନ୍ତର୍ଜାତିକ ସ୍ତରର ଲାଇସେନ୍ସ



ଏବଂ ସରଞ୍ଜାମ ବିକ୍ରି ସଂସ୍ଥାମାନଙ୍କ ସହ ଯୋଗାଯୋଗ କରାଯାଇସାରିଥିବା ସହ ପ୍ରାୟ ୧ ହଜାର କୋଟି ଡଲାର ବିନିଯୋଗରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ସାଉଦି ଆରବର ସାଉଦି ଆରାମ୍‌କୋ ଏବଂ ଏଡିଏନଓସି କମ୍ପାନୀ ମିଳିତ ଭାବେ ଭାରତର ପଶ୍ଚିମତଟରେ ବାର୍ଷିକ ୬୦ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା କରିଥିବା ବେଳେ ରୁଷିଆର ରୋସ୍‌ନେଫ୍ଟ ଏବଂ ଏହାର ସହଯୋଗୀ କମ୍ପାନୀ ଭାରତର ଦ୍ୱିତୀୟ ବୃହତ ତୈଳ ବିଶୋଧନ କମ୍ପାନୀ ଅଧିଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ସେଲ୍ କମ୍ପାନୀ ରିଟେଲ ସ୍ତରରେ ଡିଜେଲ ଏବଂ ଗ୍ୟାସୋଲିନ୍ ବିକ୍ରି ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ ଟୋଟାଲ କମ୍ପାନୀର ସହଯୋଗୀ ଉଦ୍ୟୋଗ ଭାବେ ଆଦାନୀ ଗ୍ରୁପ୍ ମଧ ପ୍ରାକୃତିକ ଗ୍ୟାସ୍ ଆମଦାନୀ ପାଇଁ ଟର୍ମିନାଲ ପ୍ରତିଷ୍ଠା କରିବା ଏବଂ ଖାଉଟି ସ୍ତରରେ ବ୍ୟବସାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଏହା ଛଡା ଖାଉଟି ସ୍ତରରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବସାୟ କ୍ଷେତ୍ରରେ ଗତ ବର୍ଷ ଠାରୁ ବିପି କମ୍ପାନୀ ମଧ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହ ସାମିଲ ହୋଇଛି। ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୩୦ ସୁଦ୍ଧା ଭାରତ ଏବଂ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡିକରେ ପେଟ୍ରୋଲଜାତ ଇନ୍ଧନର ସର୍ବାଧିକ ଆବଶ୍ୟକତା ପଡିବ। ପେଟ୍ରୋକେମିକାଲ ପ୍ରକଳ୍ପ ଏବଂ ପରିବହନକାରୀ ଟ୍ରକମାନଙ୍କ ପାଇଁ ଡିଜେଲର ଆବଶ୍ୟକତା ୟୁରୋପୀୟ ରାଷ୍ଟ୍ର ସଂଘ ଆବଶ୍ୟକତା ଠାରୁ ଅଧିକ ହେବ ବୋଲି କୁହାଯିବା ପରେ ତୈଳ ଆମଦାନୀ ଏବଂ ରିଫାଇନାରୀ ପ୍ରକଳ୍ପ ପାଇଁ ଏବେ ଠାରୁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିବା କୁହାଯାଉଛି।

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

୩ ଅନୁସନ୍ଧାନ ପରେ ଖବର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରସିଦ୍ଧ ସଙ୍ଗୀତଜ୍ଞ ଏଆର ରହମାନ

ଭୁବନେଶ୍ୱର, ୨୬ ନଭେମ୍ବର - ୦୨ ଡିସେମ୍ବର, ୨୦୧୮

## ବିଶ୍ୱକପ୍ ହକି ପାଇଁ ଚମକୁଛି ଭୁବନେଶ୍ୱର




**ଭୁବନେଶ୍ୱର :** ବିଶ୍ୱକପ୍ ହକି ପାଇଁ ସଜେଇ ହୋଇଛି ଭୁବନେଶ୍ୱର। ଆଲୋକୀକରଣ ସହ ୱାଲ ପେଣ୍ଟିଂ, ରାସ୍ତାଘାଟ ଏବଂ ଫୁଟପାଥର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କଲରିଂ ବ୍ୟବସ୍ଥା, ନୂତନ ଟାଇଲ ବସାଇବା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ। ଭୁବନେଶ୍ୱରକୁ ➤ ପୃ-୬

## 'ଲୋକଙ୍କୁ ଅଳସୁଆ କରିଛି ମାଗଣା ଚାଉଳ'

**ଚେନ୍ନାଇ :** ଚାଉଳ ଚୋରା କାରବାର କରୁଥିବା ଜଣେ ଅଭିଯୁକ୍ତଙ୍କ ପକ୍ଷରୁ କୋର୍ଟରେ ଦାୟର ହୋଇଥିବା ହେଭିୟସ୍ କର୍ପସ୍‌ର ଶୁଣାଣି କରି ମାଡ୍ରାସ୍ ହାଇକୋର୍ଟର ଖଣ୍ଡପୀଠ ରାୟ ଶୁଣାଇବା ସହିତ ମନ୍ତବ୍ୟ ଦେଇଛନ୍ତି ଯେ, ମାଗଣା ଚାଉଳ ବଣ୍ଟନ ଓ ସରକାରୀ ଯୋଜନା ସବୁ ଲୋକଙ୍କୁ ଅଳସୁଆ କରିଦେଇଛି। କୋର୍ଟ କହିଛନ୍ତି, ଦେଶରେ ଅନାହାରରେ କାହାର ମୃତ୍ୟୁ ନ ହେଉ, ତାହା ସୁନିଶ୍ଚିତ କରିବା ସରକାରଙ୍କ ଏକ ସାମ୍ବିଧାନିକ ଦାୟିତ୍ୱ। ଏହି ଦାୟିତ୍ୱ ନିର୍ବାହ ଆଳରେ ବିଭିନ୍ନ ସରକାର, ବିଶେଷକରି ରାଜ୍ୟ ସରକାରମାନେ ଶସ୍ତା ଲୋକପ୍ରିୟତା ତଥା ଭୋଟ୍ ବ୍ୟାଙ୍କ୍ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ମାଗଣା ଚାଉଳ ଦେବା ଠୁଁ ଆରମ୍ଭ କରି ସାଇକେଲ ଓ ଲ୍ୟାପ୍‌ଟପ୍ ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ତାମିଲନାଡୁରେ ମାଗଣାରେ ଚାଉଳ ତଥା



ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯାଉ ଥିବାରୁ ମାଡ୍ରାସ ହାଇକୋର୍ଟ ଏହାର ପରିଣତି ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଷ୍ଟିସ୍ ଏନ୍ କିରୁବାକାରନ୍ ଓ ଜଷ୍ଟିସ୍ ଅବ୍‌ଦୁଲ୍ କୁଦ୍ଦୋଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କରେ ଟିପ୍ପଣୀ ଦେଇ କହିଛନ୍ତି, ଆର୍ଥିକ ଦୁର୍ବଳଶ୍ରେଣୀଙ୍କୁ ମାଗଣାରେ ଚାଉଳ ଯୋଗାଇ ଦେବାକୁ କୋର୍ଟ ବିରୋଧ କରନ୍ତି ନାହିଁ। କିନ୍ତୁ ସମାଜର ସବୁ ଶ୍ରେଣୀର ଲୋକଙ୍କୁ ଏହା ଯୋଗାଇ ଦିଆଯିବା ଆଦୌ ଉଚିତ ନୁହେଁ। ୨୦୧୭-୧୮ରେ ମାଗଣାରେ ଚାଉଳ ଯୋଗାଇଦେବା ପାଇଁ ୨୧୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଖଣ୍ଡପୀଠଙ୍କ ନଜରକୁ ଅଣାଯାଇଥିଲା। ଏହି ଟଙ୍କା ଏକ ଛୋଟିଆ ଅଙ୍କ ନୁହେଁ। ତେଣୁ ଏହାକୁ ବୁଝିବିଚାରି ଖର୍ଚ୍ଚ କରାଯିବା ଉଚିତ ବୋଲି କହିଛନ୍ତି କୋର୍ଟ। ସରକାର ଦୁଇ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ସାରିଲେଣି। ଯେଉଁଥିପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବ୍ୟୟଭାର ପଡୁଛି। ପ୍ରତିବର୍ଷ ଏତେ ଅର୍ଥ ଖର୍ଚ୍ଚ ହେଉଥିବାରୁ ଏହି କ୍ଷତି ବଢ଼ିଚାଲିଛି। ଯଦି ଗରିବଙ୍କ ବ୍ୟତୀତ ଅନ୍ୟ କେହି ଏହି ଯୋଜନାର ଫାଇଦା ନେଉଛନ୍ତି, ସେମାନେ ଏହା ଦ୍ୱାରା କ୍ରମଶଃ ଅଧିକ ସୁବିଧା ପାଇବେ। ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଜନସାଧାରଣ କେବଳ ମାଗଣା ➤ ପୃ-୬

## ଆମର ଲକ୍ଷ୍ୟ ସ୍ୱଚ୍ଛ ଇନ୍ଧନ : ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ :** ନୂଆଦିଲ୍ଲୀର ବିଜ୍ଞାନ ଭବନରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୧୨୯ଟି ଜିଲ୍ଲାରେ ୯ମ ପର୍ଯ୍ୟାୟ ନଗର ଗ୍ୟାସ୍ ବିତରଣ (ସିଜିଡି) ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ ମଧ୍ୟ ୧୦ମ ସିଜିଡି ବିଡିଂ ରାଉଣ୍ଡ୍‌ର ଶୁଭାରମ୍ଭ କରିଛନ୍ତି। ୯ମ ଏବଂ ୧୦ମ ନଗର ଗ୍ୟାସ୍ ବିତରଣ ପ୍ରକଳ୍ପ ଅଧୀନରେ ଓଡ଼ିଶାର ୭ଟି ଭୌଗୋଳିକ କ୍ଷେତ୍ର ପ୍ରକଳ୍ପ ରହିଛି। ସେଗୁଡ଼ିକ ହେଲା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା, ଯାଜପୁର ଓ କେନ୍ଦୁଝର, ଅନୁଗୁଳ ଓ ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ, ବରଗଡ଼, ଦେବଗଡ଼ ଓ ସମ୍ବଲପୁର, ଗଞ୍ଜାମ, ନୟାଗଡ଼ ଓ ପୁରୀ ଏବଂ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା। ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ୩,୬୮,୬୬୦ ପିଏନ୍‌ଜି ସଂଯୋଗ ଏବଂ ୧୧୬ ସିଏନ୍‌ଜି ଷ୍ଟେସନ୍ ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ଆରମ୍ଭ ହୋଇଥିବା ଭୌଗୋଳିକ କ୍ଷେତ୍ର ମଧ୍ୟରୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବରଗଡ଼, ଦେବଗଡ଼, ସମ୍ବଲପୁର ଜିଲ୍ଲାର କାର୍ଯ୍ୟ ଭାରତ ଗ୍ୟାସ ରିସୋର୍ସେସ ଲିଃ.କୁ ଦିଆଯାଇଛି। ସମାନ ଭାବେ ଆଦାନୀ ଗ୍ୟାସ ଲିଃ. ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରେ ୨୦ଟି ସିଏନ୍‌ଜି ଷ୍ଟେସନ ଏବଂ ୧,୫୦,୪୬୪ ଘରୋଇ ସଂଯୋଗ କାର୍ଯ୍ୟ ହାସଲ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ନୟାଗଡ଼ ଏବଂ ପୁରୀ ଜିଲ୍ଲାରେ ଗେଲ୍‌କୁ କାର୍ଯ୍ୟ ପ୍ରଦାନ କରାଯାଇଛି। ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାରେ ୨୨,୬୦୦ଟି ପିଏନ୍‌ଜି ସଂଯୋଗ ଏବଂ ୨୧ଟି ସିଏନ୍‌ଜି ଷ୍ଟେସନ, ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାରେ ଏକ ଲକ୍ଷ ପିଏନ୍‌ଜି ସଂଯୋଗ ଏବଂ ୨୧ଟି ସିଏନ୍‌ଜି ଷ୍ଟେସନ ପ୍ରତିଷ୍ଠା କରାଯିବ। ବରଗଡ, ଦେବଗଡ ଓ ସମ୍ବଲପୁର ଜିଲ୍ଲାରେ ୧୩,୯୧୦ଟି ପିଏନ୍‌ଜି ସଂଯୋଗ ଏବଂ ୧୧ଟି ସିଏନ୍‌ଜି ଷ୍ଟେସନ ଖୋଲାଯିବ। ଗଞ୍ଜାମ, ନୟାଗଡ ଏବଂ ପୁରୀ ଜିଲ୍ଲାରେ ୫୧ ହଜାର ପିଏନ୍‌ଜି ସଂଯୋଗ ସହ ୧୫ଟି ସିଏନ୍‌ଜି ଷ୍ଟେସନ, ଜଗତସିଂହପୁର ଏବଂ କେନ୍ଦ୍ରପଡା ଜିଲ୍ଲାରେ ୧୨,୫୦୦ଟି ପିଏନ୍‌ଜି ସଂଯୋଗ ସହ ୧୦ଟି ସିଏନ୍‌ଜି ଷ୍ଟେସନ ପ୍ରତିଷ୍ଠା ହେବ । ସେହିପରି ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ୧୮,୨୦୦ଟି ପିଏନ୍‌ଜି ସଂଯୋଗ ସହ ୧୯ଟି ସିଏନ୍‌ଜି ଷ୍ଟେସନ ପ୍ରତିଷ୍ଠା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନବମ ସିଜିଡି ବିଡିଂ ପର୍ଯ୍ୟାୟ ଅଧୀନରେ ନଗର ଗ୍ୟାସ ବିତରଣ ନେଟ୍‌ୱର୍କ ପ୍ରତିଷ୍ଠା ଲାଗି ୧୨୯ ଜିଲ୍ଲାରେ କାର୍ଯ୍ୟାରମ୍ଭ ହୋଇଛି। ➤ ପୃ-୬

## ଦାମଙ୍କ ନୂଆ ଦଳ 'ବିଜୁ ସମତାକ୍ରାନ୍ତି'



**ଭୁବନେଶ୍ୱର :** ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବରିଷ୍ଠ ବିଧାୟକ ଦାମୋଦର ରାଉତ ଶୁକ୍ରବାର ନିଜର ନୂଆ ଦଳର ନାମ ଘୋଷଣା କରିଛନ୍ତି। ଏହି ଦଳର ନାମ ସେ ବିଜୁ ସମତା କ୍ରାନ୍ତି ନାମରେ ନାମିତ କରିଛନ୍ତି। ବିଜୁଙ୍କ ନାମରେ ନାମିତ ଦଳ ବିଜୁବାବୁଙ୍କର ନୀତି, ଆଦର୍ଶକୁ ପାଥେୟ କରି ଆଗାମୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବ ବୋଲି ସୂଚନା ଦେଇଛନ୍ତି ଦାମ। ଖୁବ୍ ଶୀଘ୍ର ଓଡ଼ିଶା ପ୍ରଗତି ଦଳ ଏବଂ ପବ୍ଲିକ ପଲିଟିକାଲ ପାର୍ଟି ଏହି ନୂଆ ଦଳରେ ସାମିଲ ହେବେ ବୋଲି ଦାମ ଘୋଷଣା କରିଛନ୍ତି। ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ଉଦବୋଧନ କରି ଦାମ ନବୀନ ସରକାରଙ୍କ ଉପରେ ପ୍ରବଳ ମାତ୍ରାରେ ବର୍ଷିଥିଲେ। ଦୀର୍ଘ ୧୮ ବର୍ଷ ଧରି ନବୀନ ବାବୁ ଓଡ଼ିଶାବାସୀଙ୍କୁ ଡାହା ମିଛ କହିବା ସହ ➤ ପୃ-୬

## ଦଶ ହଜାରରୁ ଅଧିକ ଗାଁକୁ ନାହିଁ ସଡ଼କ ସଂଯୋଗ

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରାୟ ୧୦ ହଜାର ଗାଁକୁ ସବୁଦିନିଆ ସଡ଼କ ସଂଯୋଗ ନାହିଁ। ତେବେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଯେଉଁ ତଥ୍ୟ ଦିଆଯାଉଛି ସେଥିରେ ତାଳମେଳ ରହୁନଥିବାରୁ ବାସ୍ତବରେ କେତେ ଗାଁକୁ ରାସ୍ତା ନାହିଁ ସେ ସଂକ୍ରାନ୍ତୀୟ ପ୍ରକୃତ ଚିତ୍ର ମିଳିପାରୁନାହିଁ। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତରରେ ବିଧାନସଭାରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯେଉଁ ତଥ୍ୟ ଦେଇଛନ୍ତି ସେଥିରେ କୁହାଯାଇଛି ଯେ ୨୦୦୦-୦୧ ବର୍ଷର ହିସାବ ଅନୁଯାୟୀ ରାଜ୍ୟର ସମୁଦାୟ



୫୦,୧୮୯ଟି ଗାଁ ମଧ୍ୟରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ୨୦୦୦ ଡିସେମ୍ବର ୨୫ ତାରିଖରେ ଆରମ୍ଭ ହେବା ବେଳକୁ ୨୦,୪୩୮ଟି ଗାଁକୁ ସବୁଦିନିଆ ରାସ୍ତା ଥିଲା ଓ ୨୯,୭୫୧ଟି ଗାଁକୁ ରାସ୍ତା ନ ଥିଲା। ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪,୭୫୨ଟି ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସଡ଼କ ସଂଯୋଗ କରାଯାଇଛି। ଅର୍ଥାତ୍ ଏହି ହିସାବ ଅନୁଯାୟୀ ଆଉ ୧୪,୯୯୯ଟି ଗାଁକୁ ସଡ଼କ ନ ଥିଲା। ତେବେ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ୧୩୦୫ଟି ଗାଁକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଏହି ହିସାବ ବିଶ୍ଳେଷଣ ଅନୁଯାୟୀ ଆଉ ୧୩,୬୮୪ ଗାଁକୁ ମୋଟାମୋଟି ଭାବେ ରାସ୍ତା ନ ଥିବା ଜଣାପଡ଼ିଛି। ତେବେ ମନ୍ତ୍ରୀଙ୍କ ପ୍ରଦତ ହିସାବ ଅନୁଯାୟୀ ୨୦୦୦ ଡିସେମ୍ବର ୨୫ ବେଳକୁ ଯେଉଁ ୨୯,୭୯୧ଟି ଗାଁକୁ ରାସ୍ତା ନ ଥିଲା ସେଥିମଧ୍ୟରୁ ୧୮,୬୮୭ଟି ଗାଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ➤ ପୃ-୬

### ସର୍ବସମ୍ମତ କ୍ରମେ ଗୃହୀତ ହେଲା ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ପ୍ରସ୍ତାବ

# ବିରୋଧୀ କହିଲେ ନିର୍ବାଚନୀ ଥୋପ

**ଭୁବନେଶ୍ୱର :** ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଆଗତ କରିଥିବା ପ୍ରସ୍ତାବକୁ ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକମାନେ ସମ୍ମତି ପ୍ରଦାନ କରିଛନ୍ତି। ମହିଳାଙ୍କୁ ୩୩% ଆସନ ମିଳିବା ଉଚିତ ବୋଲି ସେମାନେ ମତ ଦେବା ପରେ ଏହା ସର୍ବସମ୍ମତ ଭାବେ ଗୃହୀତ ହୋଇଯାଇଛି। ଏହି ପ୍ରସ୍ତାବ ପରେ ସଂସଦର ଅନୁମୋଦନ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ। ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ମାଲକାନଗିରିରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ଆଜି ଏକ ନୂଆ ଓଡ଼ିଶା ଦେଖୁଛୁ। ମାଲକାନଗିରିର ମମତା ପଢ଼ିଆମୀ ଓ ସୁନ୍ଦରଗଡ଼ର ଜୟନ୍ତୀ ଏକ୍କାଙ୍କ ଭଳି ମହିଳାଙ୍କ



ପାଇଁ ନୂଆ ଓଡ଼ିଶାର ସ୍ୱର ଦୃଢ଼ ହୋଇଛି। ଏହି ସ୍ୱର ସଂସଦ ଠାରୁ ଆରମ୍ଭ କରି ବିଧାନସଭା ଓ ପଞ୍ଚାୟତରେ ଶୁଣାଯିବାର ଆବଶ୍ୟକତା ରହିଛି। ମହିଳାଙ୍କ ପାଇଁ ବିଧାନସଭା ଓ ସଂସଦରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ସେ ପ୍ରସ୍ତାବ ଆଗତ କରିଛନ୍ତି। ମହିଳାଙ୍କ ସଶକ୍ତୀକରଣ ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ି ପାରିବ ନାହିଁ। ମହିଳାଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ମିଶନ ଶକ୍ତି, ମମତା, ବାଳିକା ଶିକ୍ଷା, ମିଶନ ଶକ୍ତି ଗ୍ରୁପକୁ ୧ ପ୍ରତିଶତ ସୁଧରେ ଋଣ, ୫ ଲକ୍ଷ ବାଳିକାଙ୍କ ପାଇଁ ଛାତ୍ରୀନିବାସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ଚିକିତ୍ସା ପାଇଁ ସହାୟତା ରାଶି ୭ ଲକ୍ଷକୁ ବୃଦ୍ଧି ଓ ମହିଳାଙ୍କ ଭୂମି ଅଧିକାର ଆଦି ଅନେକ ଐତିହାସିକ ପଦକ୍ଷେପ ରାଜ୍ୟ ସରକାର ନେଇଚନ୍ତି। ବିଜୁବାବୁ ୧୯୯୨ରେ ମହିଳାଙ୍କ ପାଇଁ ପଞ୍ଚାୟତ ଓ ପୌରସଂସ୍ଥାରେ ୩୩% ସ୍ଥାନ ➤ ପୃ-୬

## ମହିଳାଙ୍କ ପାଇଁ ନବୀନଙ୍କ କୁମ୍ଭୀର କାନ୍ଦଣା : ବିଜେପି

**ଭୁବନେଶ୍ୱର :** ମହିଳାଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଧାନସଭାରେ ସଂକଳ୍ପ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା ଓ ଭୋଟ ପାଇଁ ବାୟା ବୋଲି କହିଛନ୍ତି ବିଜେପି ବିଧାୟକ ପ୍ରଦୀପ ପୁରୋହିତ। ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ରାଜ୍ୟର ମହିଳାଙ୍କୁ ବୋକା ବନାଇ ସେମାନଙ୍କ ଭୋଟ ହାତେଇବା ପାଇଁ ନବୀନ ପଟ୍ଟନାୟକ ଡ୍ରାମା କରୁଛନ୍ତି। ମହିଳାଙ୍କୁ ଲୋକସଭା ଓ



ବିଧାନସଭାରେ ସଂରକ୍ଷଣ ମାମଲାରେ ବିନା ପ୍ରତିବଦ୍ଧତାରେ କେବଳ ପ୍ରତିଶ୍ରୁତିର ଧୁଆଁବାଣ ତିଆରି କରୁଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାଙ୍କ ସ୍ଥାନ ସଂରକ୍ଷଣ ମାମଲାରେ ଜଣେ ପାଖଣ୍ଡ ବା ହିପୋକ୍ରାଟ ବୋଲି ଶ୍ରୀ ପୁରୋହିତ କହିଛନ୍ତି। ଶ୍ରୀ ପୁରୋହିତ କହିଛନ୍ତି ଯେ, ଯଦି ନବୀନଙ୍କ ତାଙ୍କର ସଂକଳ୍ପ ପ୍ରତି ନିଷ୍ଠା ଥାଆନ୍ତା ତା ହେଲେ ତାଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ସଂଖ୍ୟାର ଦଶ ପ୍ରତିଶତରୁ କମ ମହିଳା ମନ୍ତ୍ରୀ ନ ଥାନ୍ତେ । ନବୀନଙ୍କ ୨୦ ଜଣିଆ ମନ୍ତ୍ରିମଣ୍ଡଳରେ କ୍ୟାବିନେଟରେ ଜଣେ ମନ୍ତ୍ରୀ ଓ ➤ ପୃ-୬

## ବକ୍ରବାଣୀ



କାର୍ତ୍ତିକ ସଇଲା ଧରମ ଗଲା
ମାଛ କାତି ଏବେ ଲୋଡା ପଇଲା
ଖାଆନ୍ତି କଙ୍କଡା କୁକୁଡା ମାରି
ଛେଳି ପୁଣ୍ଟି ଲଣ୍ଡି କରନ୍ତି ପାରି
ମାସକ ଧରମ ନିଆଁରେ ଗଲା
ପୋଡିକରି ସବୁ ପାଉଁଶ ହେଲା
ଧନ୍ୟ ହେ ମଣିଷ ଧନ୍ୟ ତା'ମତି
ଜୀବ ହତ୍ୟା ବିନା ନାହିଁ ତା'ଗତି
ଆଇଁଷ ପାଇଁକି ବିକଳ ମନ
ପାଟିରେ ବାଜିନି ତିରିଶ ଦିନ।

— ଟୁଟୁ

### ବିକାଶ ନାହିଁ, ଆରଟିଆଇରେ ତଥ୍ୟ ମାଗିଲେ ମିଳୁନି

# ଭୁଷୁଡି ପଡିଛି ବ୍ୟବସ୍ଥା !

**ଭବାନୀପାଟଣା/ଲାଞ୍ଜିଗଡ,(ଅନିଲ ପଟ୍ଟନାୟକ) :** ବ୍ଲକ ଅନ୍ତର୍ଗତ ବିଜେପୁର ୟୁଜିଏଚଏସ୍ ଆଶ୍ରମ ବିଦ୍ୟାଳୟରେ ଗତ.୨୯.୧୦.୨୦୧୮ ରିଖରେ ହୋଇଥିବା ତାଲାପକା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନିୟମିତ ଆସୁନଥିବା, ହଷ୍ଟେଲରେ ରାତିରେ ରହୁନଥିବା ନେଇ ଅଭିଯୋଗ କରି ବିଦ୍ୟାଳୟରେ ତାଲା ପକାଯାଇଥିଲା। ପରେ ବିଇଓ ସଞ୍ଜୀବ ନାୟକଙ୍କ ହସ୍ତକ୍ଷେପ ପରେ ତାଲା ଖୋଲା ଯାଇଥିଲା। ଏହି ଘଟଣାକୁ ନେଇ କେତେକ ଖବର ମଧ୍ୟ ପ୍ରକାଶ ପାଇଥିଲା। ଘଟଣା ପରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନା ମାଝୀ, ବିନାୟକ ନାଏକ, ପୂର୍ବତନ ବିଧାୟକ ଶିବାଜୀ ମାଝୀ ସମେତ ୧୫ ଜଣଙ୍କର ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ମାଧ୍ୟମରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି ଯେ, ଗତ ତା.୨୯.୧୦.୨୦୧୮ ରିଖରେ କେତେ ଜଣ ଅସାଧୁ ବ୍ୟକ୍ତି ଆମ୍ଭମାନଙ୍କ ଅଜାଣତରେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ତାଲା ପକା ଘଟଣାରେ ଆମ୍ଭ କମିଟିର କେହି ସଦସ୍ୟ ଉପସ୍ଥିତ ନଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ପୂର୍ବ ପ୍ରସ୍ତୁତି କ୍ରମେ ଆକ୍ରୋଶ ମନୋଭାବ ରଖି ପ୍ରଧାନ ଶିକ୍ଷୟିତ୍ରୀ ମମତା ସେନାପତିଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ଶ୍ରୀମତୀ ସେନାପତି ବିଦ୍ୟାଳୟରେ ଯୋଗଦାନ କରିବା ଦିନ ଠାରୁ ଛାତ୍ରୀନିବାସ ଓ ଛାତ୍ରାବାସ ଠିକ୍ ଭାବରେ ପରିଚାଳନା କରୁଛନ୍ତି। ସେ ଯୋଗଦେଲା ପରଠାରୁ କାର୍ଯ୍ୟରେ ଅବହେଳା କରିନାହାଁନ୍ତି । ତାଙ୍କ ବିରୋଧରେ ମିଥ୍ୟାପ୍ରଚାର କରାଯାଉଛି । ବିଇଓ ଶ୍ରୀ ନାୟକଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ରାସ୍ତା ମଝିରେ ଠିଆ କରାଯାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଇ ଅପମାନ କରାଯାଇଛି। ଏଥିପ୍ରତି ଦୃଷ୍ଟି ଦେଇ ବିଇଓ ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ➤ ପୃ-୬





ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୬ ନଭେମ୍ବର - ୦୨ ଡିସେମ୍ବର, ୨୦୧୮

# ବଡକଥା, କାର୍ଯ୍ୟକାରିତା

ବିଧାନସଭାରେ ରାଜ୍ୟର ଋଣଭାର ସମ୍ପର୍କିତ ବିଧାୟକଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଅର୍ଥମନ୍ତ୍ରୀ ଯେଉଁ ତଥ୍ୟ ରଖିଛନ୍ତି ତାହା ନିଶ୍ଚୟ ଚିନ୍ତାଜନକ। କାରଣ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ମୋଟ ଋଣଭାର ୯୧,୯୪୩ କୋଟି ଟଙ୍କାକୁ ଟପିବ ବୋଲି ରାଜ୍ୟ ସରକାର ଅଟକଳ କରିଛନ୍ତି। ସରକାରଙ୍କ ତଥ୍ୟ ମୁତାବକ ୨୦୦୬-୦୭ ବର୍ଷରେ ରାଜ୍ୟ ସରକାର ୨,୬୪୩.୮୦ କୋଟି ଟଙ୍କା ଋଣ କରିଥିବା ବେଳେ ୨୦୧୭-୧୮ ବର୍ଷରେ ୧୪,୪୧୯.୪୧ କୋଟି ଟଙ୍କା ଋଣ ଉଠାଇଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ଭିତରେ ସରକାର ୫,୭୦୧.୦୭ କୋଟି ଟଙ୍କା ଋଣ କରିଛନ୍ତି। ୨୦୦୬-୦୭ ବର୍ଷରେ ରାଜ୍ୟ ସରକାର ୧,୮୫୦.୭୪ କୋଟି ଟଙ୍କା ଋଣର ମୂଳ ଏବଂ ୩,୧୮୮.୪୩ କୋଟି ଟଙ୍କା ସୁଧ ବାବଦକୁ ପ୍ରଦାନ କରିଥିବା ବେଳେ ୨୦୧୦-୧୧ ବର୍ଷରେ ମୂଳ ପରିଶୋଧ ପାଇଁ ୨,୦୮୩.୫୯ କୋଟି ଟଙ୍କା ଓ ସୁଧ ବାବଦକୁ ୩,୦୪୩.୧୭ କୋଟି ଟଙ୍କା ଶୁଝିଛନ୍ତି। ତେବେ ୨୦୧୭-୧୮ ବର୍ଷରେ ରେକର୍ଡ ପରିମାଣର ସର୍ବାଧିକ ଋଣ କରାଯାଇଛି। ଉକ୍ତ ବର୍ଷରେ ୨,୬୯୦.୨୧ କୋଟି ମୂଳ ବାବଦକୁ ଏବଂ ୪,୯୮୮.୩୪ କୋଟି ଟଙ୍କା ସୁଧ ବାବଦକୁ ଶୁଝିଛନ୍ତି। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ରାଜ୍ୟ ସରକାର ମାତ୍ର ୯୩୫.୧୫ କୋଟି ଟଙ୍କା ମୂଳ ଓ ୧,୭୮୯.୦୮ କୋଟି ଟଙ୍କା ସୁଧ ବାବଦକୁ ପୈଠ କରିଥିବା ହିସାବ ମିଳିଛି। ତେବେ ରାଜ୍ୟର ବିକାଶ ତଥା ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯେଉଁ ଅର୍ଥ ଖର୍ଚ୍ଚ କରାଯାଉଛି ତାହାକୁ ଭରଣା କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବା ଦରକାର। ବ୍ୟବସ୍ଥାରେ ବ୍ୟତିକ୍ରମ ହେଲେ ଋଣ ଭାର ବଢ଼ିଯିବା ସହିତ ବିକାଶ ଅଧୋଗତିରେ ପରିଣତ ହେବା ଅସମ୍ଭବ ନୁହେଁ। ଶାସ୍ତ୍ରରେ ଅଛି - ଋଣ କରି ଘିଅ ପିଇବା ଯାହା, ଆୟ ନଥାଇ ଅଧିକ ବ୍ୟୟ କରିବା ମଧ୍ୟ ତାହା। ଲୋକଙ୍କ ପାଇଁ ଅର୍ଥ ଖର୍ଚ୍ଚ ହେଉ ମନା ନାହିଁ। ହେଲେ ଏ ଅର୍ଥ କେଉଁ ସୂତ୍ରରୁ ଏବଂ କିଭଳି ଭାବେ ଆସିପାରିବ ଏଥିପାଇଁ ଆରମ୍ଭରୁ ନକ୍ସା ପ୍ରସ୍ତୁତ ନହେଲେ ପରିଶେଷରେ ଏହା ଏକ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିବ। ଲୋକପ୍ରିୟ ହେବା ପାଇଁ ଉଦ୍ୟମ ହେବା ଭିତରେ କାର୍ଯ୍ୟଧାରାରେ ସ୍ୱଚ୍ଛତା ରହିବା ଆବଶ୍ୟକ। ବିଗତ କିଛିବର୍ଷ ଭିତରେ ସାଧାରଣ ଲୋକଙ୍କ ହିତ ତଥା ଗରିବଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନାମାନ କରିଛନ୍ତି। ଏହାରି ଭିତରେ ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଓ ବିକଶିତ ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ଯେତେ ଗୁଡିଏ ଯୋଜନା ଚାଲୁ କରାଯାଇଛି ତାହା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏହାର ବାସ୍ତବ କାର୍ଯ୍ୟକାରିତା ବେଳେବେଳେ ସନ୍ଦେହ ସୃଷ୍ଟିକରେ। ଗୋଟିଏପଟେ ଓଡ଼ିଶା ଗରିବ କହି କେନ୍ଦ୍ର ନିକଟରେ ଆମେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଥିବା ବେଳେ ଅନ୍ୟପଟେ ବିକାଶର ଶିଖର ଛୁଇଁ ପାରିଛେ ବୋଲି କହିପାରିବା କି? ଯଦି ସବୁ ଠିକ୍‌ଠାକ୍ ଚାଲିଛି ତେବେ ଆମ ରାଜ୍ୟରେ କାମଧନ୍ଦା ନ ପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ଆସୁଛନ୍ତି କୁଆଡୁ। ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ ଆମେ ଆଗୁଆ ବୋଲି କହିପାରିବା କି? ସେହିଭଳି କୃଷି କ୍ଷେତ୍ରର ବିକାଶ କଥା ବିଚାରକୁ ନିଆଯାଉ। ବିଗତ କିଛିବର୍ଷ ହେବ ଆମ ରାଜ୍ୟରେ ଚାଷୀମାନେ ଋଣ ଯନ୍ତାରେ ପଡି ବାରମ୍ବାର ଆତ୍ମହତ୍ୟା କରୁଥିବାର ଘଟଣା ସାମ୍ନାକୁ ଆସୁଛି। କେନ୍ଦ୍ର ଓ ରାଜ୍ୟ ସରକାର ବାରମ୍ବାର ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇବା ନେଇ ଘୋଷଣା କରୁଥିଲେ ବି ଏଥିରେ ସତ୍ୟତା କେତେ। ଓଡ଼ିଶାରେ ଚାଷୀ ପରିବାରର ଆୟ ବଢ଼ିବା ପରିବର୍ତ୍ତେ ଦିନକୁ ଦିନ କମିବାରେ ଲାଗିଛି। ବିଧାନସଭାରେ କୃଷି ମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ୨୦୧୫-୧୬ ବର୍ଷରେ ଚାଷୀ ପରିବାରର ବାର୍ଷିକ ହାରାହାରି ଆୟ ଲାକ୍ଷାଦ୍ୱୀପ, ଦିଲ୍ଲୀ, ଚଣ୍ଡିଗଡ଼ ଆଦିରେ ଦୁଇଲକ୍ଷ ଟଙ୍କାରୁ ଅଧିକ କରି ରହୁଥିବା ବେଳେ ଏହା ପଞ୍ଜାବରେ ୧,୯୭,୯୮୧ ଟଙ୍କା ରହିଛି। ଅନ୍ୟ ଯେଉଁସବୁ ରାଜ୍ୟରେ ୨୦୧୫-୧୬ ବର୍ଷରେ ଚାଷୀ ପରିବାରର ହାରାହାରି ଆୟ ୧ଲକ୍ଷ ଟଙ୍କାରୁ ଅଧିକ ରହିଛି ସେଗୁଡିକ ହେଲା ହରିଆଣା, ଅରୁଣାଚଳପ୍ରଦେଶ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଗୁଜୁରାଟ, କର୍ଣ୍ଣାଟକ, କେରଳ, ହିମାଚଳପ୍ରଦେଶ, ଜାମ୍ମୁ-କାଶ୍ମୀର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ। ଓଡ଼ିଶାରେ ଚାଷୀ ପରିବାରର ହାରାହାରି ଆୟ ୨୦୧୫-୧୬ ବର୍ଷରେ ୪୭,୯୮୮ ଟଙ୍କା ରହିଥିବା ବେଳେ ବିହାରରେ ଏହା ୩୬,୩୩୩ ଟଙ୍କା ରହିଛି। ପରିସଂଖ୍ୟାନ ବିଶ୍ଳେଷଣ ଅନୁସାରେ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ଓଡ଼ିଶାର ସ୍ଥାନ ୩୫ରେ ରହିଛି। ଓଡ଼ିଶା ପଛକୁ ବିହାର ଏକମାତ୍ର ରାଜ୍ୟ ଭାବେ ଅଛି। ତେବେ ଆମେ ବିହାରଠାରୁ ଆଗୁଆ। ଏତିକିରେ କହିପାରିବା କି ଦେଶର କୃଷି କ୍ଷେତ୍ରରେ ଓଡ଼ିଶା ଆଗୁଆ ବୋଲି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଜଣାଶୁଣା ଥିଲେ ବି ଏବେ ଆମେ କୃଷି କ୍ଷେତ୍ରରେ କାହିଁକି ନିଜର ପାରଦର୍ଶିତା ଦେଖାଇ ପାରୁନାହୁଁ ସେଥିପ୍ରତି ପ୍ରଶାସନ କିମ୍ବା ନେତା ମାନେ କେବେ ଆତ୍ମୀୟତାର ସହିତ ବିଚାର କରିଛନ୍ତି? ଯେଉଁ ରାଜ୍ୟରେ କୃଷି ଓ କୃଷକର ବିକାଶ ହୋଇପାରିନାହିଁ ସେ ରାଜ୍ୟରେ ଗରିବୀ ଦୂର ହେବା ସମ୍ଭବ କି? କେବଳ ସରକାରୀ ଯୋଜନାକୁ ଭରସା କରି କୃଷକ ପରିବାର କୃଷିରୁ ବିରତ ରହିଲେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆମେ ନିଶ୍ଚୟ ପଛୁଆ ହୋଇଯିବା। ତେଣୁ କୃଷି ପାଇଁ ଅଧିକରୁ ଅଧିକ ଯୋଜନା କରାଯିବା ସହିତ କୃଷକଙ୍କ ଉନ୍ନତି ପାଇଁ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ଆବଶ୍ୟକ। ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ କୃଷକଙ୍କୁ ତାଲିମ ପ୍ରଦାନ ସହିତ କ୍ଷେତକୁ ଜଳସେଚନ ଓ ଉନ୍ନତ ସାର, ବିହନ ଯୋଗାଇ ଦେବା ନିହାତି ଦରକାର। କୃଷି ବିଭାଗର କ୍ଷେତ୍ର ଅଧିକାରୀମାନେ କ୍ଷେତ ନିକଟକୁ ଯାଇ କୃଷକମାନଙ୍କ ସହ ଆଲୋଚନା କରି ସେମାନଙ୍କ ବହୁବିଧ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପିତ କରି ଏହାର ସମାଧାନ ମାର୍ଗ ପ୍ରସ୍ତୁତ ନକଲେ ଭବିଷ୍ୟତରେ ଆମ ରାଜ୍ୟ ଅନ୍ୟ ରାଜ୍ୟ କୃଷି ଉତ୍ପାଦକୁ ଭରସା କରି ବଞ୍ଚିବ। କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାରଙ୍କ ଦରଦ ନରହିଲେ କୃଷି କ୍ଷେତ୍ର ଭୁଷୁଡି ଯିବା ଅସମ୍ଭବ ମନେ ହୁଏନାହିଁ। ବିଧାନସଭା, ସଂସଦରେ ମହିଳା ସଂରକ୍ଷଣ ୩୩%କୁ ନେଇ ଗୃହରେ ଯେଉଁଳି ସର୍ବସମ୍ମତ ସଂକଳ୍ପ ପାରିତ ହୋଇପାରିଲା ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ମହିଳାଙ୍କ ପାଇଁ ଆସନ ସଂରକ୍ଷଣ କରିବା କ୍ଷେତ୍ରରେ ଆମ ରାଜ୍ୟ ଦେଶରେ ପ୍ରଥମ। ଏଭଳି ନିଷ୍ପତ୍ତି ନେବାରେ ମୁଖ୍ୟମନ୍ତ୍ରୀଙ୍କ ବିଚାରଧାରା ନିଶ୍ଚୟ ଐତିହାସିକ। କାରଣ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ଆମ ରାଜ୍ୟରେ ପ୍ରାଧାନ୍ୟ ଦିଆଯାଇଛି। ସେହିଭଳି ରାଜ୍ୟର ପ୍ରତ୍ୟେକ ଲୋକଙ୍କ ପାଇଁ ଯେଉଁସବୁ ଯୋଜନା ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ସେଥିରେ ଶାସକ ଓ ବିରୋଧୀ ଏକମତ ରହିବା ଦରକାର। ସବୁ ପ୍ରସଙ୍ଗରେ ଆଲୋଚନା ହୋଇ ସର୍ବସମ୍ମତ ନିଷ୍ପତ୍ତି ହୋଇପାରିଲେ ଓଡ଼ିଶା ଆଗାମୀ ଦିନରେ ଦେଶର ଶ୍ରେଷ୍ଠ ରାଜ୍ୟ ହେବା କିଛି ବଡକଥା ନୁହେଁ। କିନ୍ତୁ ଯୋଜନା ଓ ଏହାର କାର୍ଯ୍ୟକାରିତ ମଧ୍ୟରେ ରହୁଥିବା ପାର୍ଥକ୍ୟକୁ ବାରମ୍ବାର ପରଖିବା ଦରକାର।

ସମ୍ପାଦକୀୟ



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପୂର୍ବ ଭାରତ ଦଖଲ ଲକ୍ଷ୍ୟରେ ବିଜେପି



ଡାକ୍ତର ନୀଳମାଧବ ପୃଷ୍ଟି

ଓଡ଼ିଶାରେ ଶିଳ୍ପ ମହାକୁମ୍ଭର ଆକର୍ଷଣୀୟ ସମ୍ଭାର ଭୁବନେଶ୍ୱରରେ ହକି ମହାକୁମ୍ଭ ଭିତରେ ଜାତୀୟ ଗଣମାଧ୍ୟମର ଏକ ପ୍ରମୁଖ ଖବର ବିଶେଷକରି ଓଡ଼ିଶା ଆଉ ପଶ୍ଚିମବଙ୍ଗରେ ହଇଚଇ ସୃଷ୍ଟି କରିଛି। ଏହି ଦୁଇଟି ରାଜ୍ୟରେ ବିଜେପି ବିରୋଧୀ ଶକ୍ତି ତୃଣମୂଳସ୍ତରରୁ ବେଶ ସଶକ୍ତ ରହିଛି ବୋଲି ଆଜି ଯାଏ ଖବର ପ୍ରକାଶ ପାଉଥିଲା। କାରଣ ସର୍ବଭାରତୀୟ ସ୍ତରରେ ମୋଦି ଯାଦୁ କାମ କରୁଥିବାବେଳେ ଓଡ଼ିଶାରେ ବିଜେଡ଼ି ଓ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଉପରେ ଏହା ସେପରି ପ୍ରଭାବ ପକାଇ ନଥିଲା। ବିଜେପିର ବଡ଼ ଗେମ୍ ଚେଞ୍ଜର ଭାବେ ମୋଦି-ଶାହା ଯୋଡ଼ି ଆଗାମୀ ସାଧାରଣ ନିର୍ବାଚନକୁ ବିଜେପିର ଭାରତ ଦଖଲ ନକ୍ସା ଭିତରେ ଓଡ଼ିଶା ଓ ପଶ୍ଚିମବଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ଲଢ଼ିବେ ବୋଲି ଗଣମାଧ୍ୟମରେ ଢ଼େର ଦିନ ଆଗରୁ ଚର୍ଚ୍ଚା ଜୋର ବାନ୍ଧିଛି। ଉତ୍ତର ପ୍ରଦେଶର ବାରାଣାସୀରୁ ଆକସ୍ମିକ ଭାବେ ପ୍ରାର୍ଥୀ ହୋଇ ମୋଦି ସମସ୍ତଙ୍କୁ ଚମକାଇ ଦେଇଥିଲେ। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥାଇ ବାରାଣାସୀରୁ ଲଢ଼ିବା ମୋଦିଙ୍କ ପାଇଁ ବଡ଼ ରାଜନୈତିକ ଯୁଆ ଥିଲା ତେବେ ମୋଦି-ଶାହା ଯୋଡ଼ିଙ୍କ ସଫଳ ରଣନୀତି ବର୍ଷ ବର୍ଷ ଧରି ଉତ୍ତରପ୍ରଦେଶର ଜାତି ସମୀକରଣକୁ ଭାଙ୍ଗି ଭାରତର ସର୍ବବୃହତ୍ତ ରାଜ୍ୟ ଉତ୍ତରପ୍ରଦେଶର ୮୦ଟି ଆସନରୁ ୭୧ଟିକୁ ଭାଜପା ଦଖଲ କରିଥିଲା। ଭାଜପାର ପୂର୍ବଭାରତ ସୂର୍ଯ୍ୟୋଦୟ ନାରା ଭିତରେ ପୂର୍ବାଞ୍ଚଳକୁ ଫୋକସ୍‌ରେ ରଖାଯାଇଛି। ଆସାମରେ ପଦ୍ମ ଫୁଟିବା ପରେ ବିଜେପି ପଶ୍ଚିମବଙ୍ଗ ଓ ଓଡ଼ିଶାକୁ ତାଙ୍କ ଟାର୍ଗେଟରେ ରଖିଛନ୍ତି। ତେବେ ପଶ୍ଚିମବଙ୍ଗର ଭାଜପା ନେତା ଦିଲ୍ଲୀପ ଘୋଷ ଗଣମାଧ୍ୟମକୁ ଚମକାଇ ଦେବା ପରି ଖବର ଦେଇଛନ୍ତି। ମୋଦି ଓଡ଼ିଶାରୁ ଓ ଅମିତ ଶାହା ପଶ୍ଚିମବଙ୍ଗରୁ ଲଢ଼ିବେ। କିଛିଦିନ ତଳେ ଏକ ଜାତୀୟ ସର୍ବେକ୍ଷଣ ସଂସ୍ଥା ଓଡ଼ିଶାରେ ବିଜେପିର ଲୋକସଭା ଆସନର ଶକ୍ତି ବଢୁଥିବାର ଖବର ପ୍ରକାଶ କରିଥିଲା।

ହିନ୍ଦୁ କାର୍ଡ଼ ବିଜେପିର ବଡ଼ ଭୋଟବ୍ୟାଙ୍କ। ବିଜେପିର ଲୁକ୍‌ଇଷ୍ଟ ଫର୍ମୁଲା ଆଧାରରେ ପ୍ରାୟ ଦୁଇବର୍ଷ ତଳୁ ମୋଦି ପୁରୀରୁ ଲଢ଼ିବେ ବୋଲି ଗଣମାଧ୍ୟମର ଖବର ଦୃଢ଼ୀଭୂତ ହେବାକୁ ଯାଉଛି। ଓଡ଼ିଶାରେ ମିଶନ ୧୨୦ ଟାର୍ଗେଟ ଶାହାଙ୍କ ବଡ଼ ରଣନୀତି ଭିତରେ ବିଜେପିର ଏହି ଦୁଇ ଗେମ ଚେଞ୍ଜର ଓଡ଼ିଶାକୁ ବଡ଼ ଆଶା ରଖିଛନ୍ତି। ଓଡ଼ିଶାରେ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସହ ପୁରୀରେ ବିଜେପି ମହିଳା ମୋର୍ଚ୍ଚାର ରାଷ୍ଟ୍ର କାର୍ଯ୍ୟକାରିଣୀ ପଛରେ ବିଜେପିର କିଛି ଗୁପ୍ତ ଏଜେଣ୍ଡା ରହିଛି ବୋଲି ରାଜନୈତିକ ମହଲର ଆକଳନ ଅମୂଳକ ନୁହେଁ। ବାରାଣାସୀ ପ୍ରଧାନମନ୍ତ୍ରୀଙ୍କ ନିଜ ନିର୍ବାଚନ କ୍ଷେତ୍ର ହୋଇଥିବାରୁ ଯେଉଁପରି ମେଗା ପ୍ରକଳ୍ପର ଉଦ୍‌ଘାଟନ କଲେ ତାହା ମୋଦିଙ୍କର ବାରାଣାସୀକୁ ଶେଷ ଭେଟି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଛତିଶଗଡ଼ ସହ ପାଞ୍ଚଟି ରାଜ୍ୟର ବିଧାନସଭା ଭୋଟ ଫଳ ବିଜେପି ସପକ୍ଷରେ ଗଲେ ମୋଦି-ଶାହାଙ୍କ ରଣନୀତି ପୁରୀ ପାଇଁ ଫୋକ୍‌ସ ହୋଇପାରେ। କେନ୍ଦ୍ର ଗୁଇନ୍ଦା ସଂସ୍ଥା ଓ ଅନେକ ନିରପେକ୍ଷ ସର୍ଭେ ସଂସ୍ଥା ବିଜେପି ସପକ୍ଷରେ ରିପୋର୍ଟ ସଂଗ୍ରହ କରିଛନ୍ତି। ତେବେ ପ୍ରସଙ୍ଗ ହେଉଛି ଭାରତର ବଡ଼ ପ୍ରଦେଶ ଉତ୍ତରପ୍ରଦେଶରେ ଗତ ନିର୍ବାଚନର ସ୍ଥିତି ବେଳେ ପ୍ରଥମ ସ୍ଥାନରେ ସମାଜବାଦୀ ପାର୍ଟି, ଦ୍ୱିତୀୟରେ ବହୁଜନ ସମାଜପାର୍ଟି କିନ୍ତୁ ତୃତୀୟରେ ଭାଜପା ଥାଇ ମଧ୍ୟ ବାରାଣାସୀରୁ ମୋଦି ଛିଡ଼ା ହୋଇ ଯେଉଁ ରିସ୍କ ନେଇଥିଲେ ତାହାର ଚମତ୍କାର ଫାଇଦା ଉତ୍ତରପ୍ରଦେଶରୁ ମିଳିଥିଲା। ଓଡ଼ିଶାରେ ଶାସକ ଦଳ ବିଜେଡ଼ି ବିରୁଦ୍ଧରେ ହାୱା ରହିଛି ସତ। କଂଗ୍ରେସ ନିଜ ସ୍ଥିତିକୁ ମଜଭୁତ୍ କରିବା ଅବସ୍ଥାରେ ହିଁ ନାହିଁ। ଅନ୍ୟ ଦଳର କାଁ ଭାଁ ଖୋଜଖବର କିଛି କିଛି ମିଳେ। ଏପରି ସ୍ଥିତିରେ ପୁରୀରୁ ମୋଦିଙ୍କୁ ଲଢ଼ାଇ ବିଜେପି ବଡ଼ ରାଜନୈତିକ ଜୁଆ ଖେଳିବାର ବଡ଼ ସମ୍ଭାବନା ସୃଷ୍ଟି ହୋଇଛି। ଓଡ଼ିଶାରେ ମୋଦିଙ୍କ ପ୍ରତି ଅକୁଣ୍ଠ ସମର୍ଥନ ବଢୁଛି। କେବଳ ଓଡ଼ିଶା ନୁହେଁ ସର୍ବଭାରତୀୟ ସ୍ତରରେ ମୋଦି ଲହର ଜାତୀୟ ବିକାଶ ପାଇଁ ବଡ଼ ପୁଞ୍ଜି। କଂଗ୍ରେସ ଶାସନ ଠାରୁ ଢ଼େର ଆଗରେ ମୋଦିଙ୍କ ସ୍ୱଚ୍ଛ ପ୍ରଶାସନ ଓ ଜାତୀୟ ପ୍ରଗତି ଭାରତର ଦ୍ରୁତ ଅଭିବୃଦ୍ଧି ପଛରେ ରହିଛି। ଏପରି ସମୟରେ ବିଜେପିର ବଡ଼ ରଣନୀତି ଭିତରେ ମୋଦିଙ୍କ ଓଡ଼ିଶା ଦଖଲ ସ୍ଥାନିତ ହୋଇଥାଇପାରେ। ପ୍ରଧାନମନ୍ତ୍ରୀ ମୋଦି ଯେବେ ଓଡ଼ିଶା ଆସିଛନ୍ତି ସବୁବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମ ନେଇ ତାଙ୍କ ଭାଷଣ ଆରମ୍ଭ କରିଥାନ୍ତି। ପଞ୍ଚାୟତ ନିର୍ବାଚନରୁ ଓଡ଼ିଶା ବିଜେପି ନିଜ କାୟା ବଢ଼ାଇ ଚାଲିଛି। ଓଡ଼ିଶା ବିଜେପିର ବଡ଼ ଚେହେରା ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟକ ଦଳର ନେତା ତଥା ନିର୍ମଳ ସୁଦକ୍ଷ ବ୍ୟକ୍ତିତ୍ୱର ଅଧିକାରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମିଳିତ ରଣନୀତି ଓଡ଼ିଶାରେ ବିଜେପିର ଶକ୍ତି ବଢ଼ାଇବାକୁ ସମର୍ଥ ହୋଇଛି। କେନ୍ଦ୍ରରେ ବିଜେପି ସରକାର ଗାଦି ଦଖଲ ପରେ ଓଡ଼ିଶାର ବିକାଶରେ ଅନେକ ପ୍ରଗତି ହୋଇଛି। ବଜେଟର ବିଭିନ୍ନ ଖସଡ଼ାରେ ଓଡ଼ିଶା ପାଇଁ ପାଣ୍ଠି ପର୍ଯ୍ୟାପ୍ତ ଭାବେ ବଢ଼ିଛି। ଅନେକ ଜାତୀୟ ବିକାଶର ପ୍ରୋଜେକ୍ଟରେ ଓଡ଼ିଶାକୁ ମୋଦି ସରକାର ଗୁରୁତ୍ୱ ଦେଇଛନ୍ତି। କ୍ରମାଗତ ଭାବେ ମୋଦି ସରକାରଙ୍କ ମନ୍ତ୍ରୀ ମାନେ ନିୟମିତ ଓଡ଼ିଶା ଗସ୍ତ କରି ନିଜ ଦଳକୁ ସଶକ୍ତ କରିବା ସହ କେନ୍ଦ୍ରର ସହଯୋଗୀତାର ବଡ଼ ତଥ୍ୟ ରଖିବାରେ ସହାୟକ ହୋଇଛନ୍ତି। ଯେକୌଣସି ପ୍ରଧାନମନ୍ତ୍ରୀ ନିଜ ସଂସଦୀୟ ନିର୍ବାଚନ କ୍ଷେତ୍ରରେ ବିଜୟ ଲାଭ କଲାପରେ ସେ ନିର୍ବାଚନ ମଣ୍ଡଳୀ ସହ ସମ୍ପୃକ୍ତ ରାଜ୍ୟର ଅନେକ ପ୍ରଗତି ହୋଇଥାଏ। ଇତିହାସର ନଜିର ବହୁତ ରହିଛି। ଉତ୍ତରପ୍ରଦେଶରେ ମୋଦି ଆଦିତ୍ୟ ନାଥଙ୍କୁ ବିଜେପିର ମଙ୍ଗ ସମ୍ଭାଳିବା ଦାୟିତ୍ୱ ଦେଇଛନ୍ତି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ଲୋକସଭା ଆସନ ସଂଖ୍ୟା ୬୩। ପଶ୍ଚିମବଙ୍ଗରେ ଭାଜପା ତୃଣମୂଳ କଂଗ୍ରେସକୁ କଡ଼ା ଟକ୍କର ଦେଇ ଦ୍ୱିତୀୟ ସ୍ଥାନକୁ ଯିବା ଏକ ଉଲ୍ଲେଖନୀୟ ଘଟଣା। ଓଡ଼ିଶାରେ ମଧ୍ୟ ବିଜେପି ନିଜ ବଳ ସାଉଁଟିବାରେ ସମର୍ଥ ହେଲାଣି। ମୋଦି ଓ ଶାହା ପୂର୍ବଭାରତରୁ ପ୍ରାର୍ଥୀ ହୋଇ ବିଜେପିକୁ କଡା ଟକ୍କର ଦେଉଥିବା ଦୁଇଟି ପ୍ରମୁଖ ଆଞ୍ଚଳିକ ଦଳ ବିଜେଡ଼ି ଓ ତୃଣମୂଳ କଂଗ୍ରେସକୁ ଚଖମା ଦେଇ ବଡ଼ ରାଜନୈତିକ ରିସ୍କ ନେବାର ସମ୍ଭାବନା ବଢ଼ିବାରେ ଲାଗିଛି। ମୋଦି ପୁରୀରୁ ପ୍ରାର୍ଥୀ ହେଲେ ସେ ହେବେ ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଯିଏ କି ଓଡ଼ିଶାରୁ ଭୋଟ ଲଢ଼ିବେ ପୂର୍ବରୁ ୧୯୯୬ରେ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ନରସିଂହ ରାଓ ବ୍ରହ୍ମପୁର ଆସନରୁ ଲଢ଼ି ବିପୁଳ ଭୋଟରେ ଜିତିଥିଲେ ମାତ୍ର ସରକାର ଗଠନରେ କେନ୍ଦ୍ର କଂଗ୍ରେସ ଫେଲ ମାରିଥିଲା। ଗତ ନିର୍ବାଚନରେ ପୁରୀ ଆସନରୁ ବିଜେପିର ଅଶୋକ ସାହୁ ଲଢ଼ି ୨୦.୭୬% ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ହିନ୍ଦୁ ଭୋଟର ବଡ଼ ଓ ପ୍ରମୁଖ ଶକ୍ତି ତଥା ସର୍ବଭାରତୀୟ ସ୍ତରରେ ହିନ୍ଦୁତ୍ୱର ଜାଗରଣ ସହ ଜାତୀୟ ପ୍ରଗତିରେ ନିଜର ବଡ଼ ଅବଦାନ ରଖିଥିବା ମୋଦିଙ୍କୁ ଓଡ଼ିଶାବାସୀ ନିରାଶ କରିବେନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀରୁ ମୋଦି ଲଢ଼ିଲେ ବିଜେପି ଶକ୍ତିଶାଳୀ ହେବା ସହ ଓଡ଼ିଶାର ପ୍ରଭୃତ ଓ ଅପର୍ଯ୍ୟାପ୍ତ ବିକାଶ ସମ୍ଭାବନା ରହିଛି। ଓଡ଼ିଶାରେ ଶାସକ ବିଜେଡ଼ି ବିରୁଦ୍ଧରେ ଜନମତ ବଡ଼ ଦାନା ବାନ୍ଧୁଥିବାବେଳେ ବିଜେପିର ବଡ଼ ଗେମ ଚେଞ୍ଜର ମୋଦି-ଶାହାଙ୍କ ରଣନୀତିର ଫୋକ୍‌ସରେ ପୂର୍ବ ଭାରତ ଦଖଲର ବଡ଼ ଏଜେଣ୍ଡା ଭିତରେ ଫୋକ୍‌ସ ରହିଛି ପୁରୀ। ମୋଦି ପୁରୀରୁ ପ୍ରତିନିଧିତ୍ୱ କରନ୍ତୁ, ଓଡ଼ିଶାର ବିକାଶର ଜୟଯାତ୍ରାରେ ସମଗ୍ର ଓଡ଼ିଶାବାସୀଙ୍କ ଅବଦାନ ରହୁ, ଜାତୀୟ ପ୍ରଗତିରେ ଓଡ଼ିଶାର ଭାଗିଦାରୀତା ଆହୁରି ଅଗ୍ରଗତି କରୁ ଏହି ଶୁଭକାମନା ଜଣେ ଓଡ଼ିଆ ଭାବେ ନିଶ୍ଚିନ୍ତ ଆମେ ଚାହିଁବୁ।

*ପାଣିକୋଇଲି, ଯାଜପୁର*
*ମୋ : ୯୪୩୯୪୮୨୫୨୬*

# ମହିଳା ସଶକ୍ତୀକରଣ ଓ ଏସ୍‌ଏଚ୍‌ଜିର ପ୍ରଗତି



ଶେଖ୍ ଫରିଦ୍‌ଉଦ୍ଦିନ

ଦେଶ କିମ୍ବା ରାଜ୍ୟ ମହିଳାଙ୍କ ସଶକ୍ତୀକରଣ ବିନା ଆଗକୁ ବଢ଼ିପାରିବ ନାହିଁ। ତେଣୁ ମହିଳା ସଶକ୍ତୀକରଣ ହେଉଛି ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ମହିଳା ସଶକ୍ତୀକରଣ ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ୨୦୦୧ରେ ଆମେ ଦାୟିତ୍ୱ ଗ୍ରହଣ କରିବା ବେଳେ ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ହାରାହାରି ଆୟୁ ଓ ମହିଳା ସାକ୍ଷରତା ହାର ଉଦ୍‌ବେଗଜନକ ଥିଲା। ୨୦୦୧ରେ ରାଜ୍ୟ ସରକାର ମିସନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ସହିତ ୬ଲକ୍ଷ ଏସଏଚ୍‌ଜି ଓ ୭୦ ଲକ୍ଷ ମହିଳା ସାମିଲ ହୋଇପାରିଛନ୍ତି। ରାଜ୍ୟର ପ୍ରତିଟି ଗାଁରେ ମିଶନ ଶକ୍ତି ପହଞ୍ଚିଛି। ଏହି କାର୍ଯ୍ୟକ୍ରମ ଯୋଗୁଁ ରାଜ୍ୟରେ ବାର୍ଷିକ ୨୦୦୦ କୋଟି ଟଙ୍କାର ବ୍ୟାଙ୍କ କାରବାର, ୫୦୦୦ କୋଟିର ସଞ୍ଚୟ ହେଉଛି। ରାଜ୍ୟର ପ୍ରତି ଦ୍ୱିତୀୟ ପରିବାରର କେହି ନା କେହି ମିଶନ ଶକ୍ତିର ସଦସ୍ୟ ରହିଛନ୍ତି। ମାତୃ ମୃତ୍ୟୁ ହାର ସର୍ବାଧିକ ହ୍ରାସ କରି ଓଡ଼ିଶା ସବୁଠୁ ଆଗରେ ଥିବା ବେଳେ ଶିଶୁ ମୃତ୍ୟୁହାର ଜାତୀୟ ହାର ଠାରୁ ଖୁବ୍ ଭଲ ସ୍ଥିତିରେ ରହିଛି। ଡାକ୍ତରଖାନାରେ ପ୍ରସବ ସଂଖ୍ୟା ୯୦% ରହିଛି। ମହିଳାମାନଙ୍କ ସମ୍ପତ୍ତି ମାଲିକାନା ଓଡ଼ିଶାରେ ସର୍ବାଧିକ। ରାଜ୍ୟରେ ଜନ୍ମ ନେଉଥିବା ପ୍ରତ୍ୟକ ମହିଳାଙ୍କ ଆୟୁରେ ୧୦ ବର୍ଷ ବୃଦ୍ଧି ହୋଇଛି। ଉଦ୍ୟୋଗୀ ହୋଇ କିଭଳି ସଫଳ ହେବେ ସେ ନେଇ ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ମହିଳାମାନଙ୍କୁ ଶିଖାଇଛନ୍ତି ବିଭିନ୍ନ କ୍ଷେତ୍ରରେ ୩ଜଣ ସଫଳ ମହିଳା। ସେମାନେ ହେଲେ ଦେଶର ପ୍ରଥମ ଘରୋଇ ମହାକାଶ ଷ୍ଟାର୍ଟଅପ୍ ଉଦ୍ୟୋଗ ଆର୍ଥ୨ଅର୍ବିଟର ପ୍ରତିଷ୍ଠାତା ସୁସ୍ମିତା ମହାନ୍ତି, ଗୁଜୁରାଟ ସେବା ସଂସ୍ଥାର ମିରି ଚାଟାର୍ଜୀ ଏବଂ ଜାଗରନ ଗ୍ରୁପର ସିଇଓ ଅପୂର୍ବା ପୁରୋହିତ। ସୁସ୍ମିତା କହିଥିଲେ, ସଫଳତା ପାଇବାକୁ ହେଲେ ମୁଖ୍ୟତଃ ତିନୋଟି ବିଷୟର ଆବଶ୍ୟକତା ରହିଛି। ସେଗୁଡ଼ିକ ହେଲା କଳ୍ପନାକୁ ଛାଡ଼ିବା ନାହିଁ, ଭୟ ଛାଡ଼ିବା ଏବଂ ସବୁ ପ୍ରକାର ଶ୍ରମକୁ ସମ୍ମାନ କରିବା।

ଓଡ଼ିଶାରେ ମିସନ ଶକ୍ତି ଗ୍ରୁପ୍ ଗୁଡ଼ିକର ଋଣ ପରିଶୋଧ ହାର ୯୫% ଭଳି ଉଚ୍ଚ ସ୍ତରରେ ରହିଛି। ବ୍ୟାଙ୍କ ଗୁଡ଼ିକ ସେମାନଙ୍କୁ ୧% ସୁଧ ହାରରେ ଋଣ ଯୋଗାଇ ଦେଉଛନ୍ତି। ଆଗାମୀ ଦିନରେ ମଧ୍ୟ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନଗୁଡ଼ିକ ମିସନ ଶକ୍ତିର ଋଣ ଆବଶ୍ୟକତାକୁ ବୃତ୍ତିଗତ ଭାବେ ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ବହୁତ କାମ କରିଛନ୍ତି। ପଞ୍ଚାୟତି ରାଜ ଓ ପୌର ପରିଷଦଗୁଡ଼ିକରେ ମହିଳା ମାନଙ୍କ ପାଁ ୩୩% ସଂରକ୍ଷଣ ବିଜୁ ବାବୁ କରିଥିଲେ। ଆମେ ଓଡ଼ିଶାରେ ସେହି ହାର ୫୦%କୁ ବୃଦ୍ଧି କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ସମ୍ପତ୍ତି ଅଧିକାର ଆଦି ପଦକ୍ଷେପ ଜରିଆରେ ରାଜ୍ୟ ସରକାର ମହିଳାମାନଙ୍କୁ ପ୍ରଗତି ପଥରେ ସାମିଲ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରୀ ସ୍ତରରେ ଆମେ ବହୁତ କିଛି ପଦକ୍ଷେପ ନେଉଛୁ। ଅନୁଷ୍ଠାନ ଗଢୁଛୁ, କୋଠା, ରାସ୍ତା, ସେତୁ ଆଦି ନିର୍ମାଣ କରୁଛୁ। କିନ୍ତୁ ମହିଳା ମାନଙ୍କ ପାଇଁ ଆମେ ଯେଉଁ ପଦକ୍ଷେପ ନେଉଛୁ, ତାହା ରାଜ୍ୟର ବିକାଶ ଉପରେ ସର୍ବାଧିକ ପ୍ରଭାବ ପକାଇଛି। ଏହା ହିଁ ମୋତେ ସବୁଠାରୁ ଅଧିକ ସନ୍ତୋଷ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୦୦ ଏସ୍‌ଏଚ୍‌ଜି ହୋଇଥିବାବେଳେ ୪୫୦ ମହିଳା ଉଦ୍ୟୋଗୀ ଓ ବିଭିନ୍ନ ମ୍ୟାନେଜମେଣ୍ଟ କଲେଜର ୫୦ ଏମ୍‌ବିଏ ଛାତ୍ରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ପ୍ରତିନିଧି ଓ ଅନ୍ୟ କ୍ଷେତ୍ରର ନିବେଶକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପିକ୍‌ଚର ଗ୍ରୁପ୍‌କୁ ଉନ୍ମୋଚନ କରାଯାଇଥିଲା ଓ ବି୨ଜି ବୈଠକ ମଧ୍ୟ ଆୟୋଜନ କରାଯାଇଥିଲା। ରାଜ୍ୟରେ ସଫଳ ସ୍ୱୟଂ ସହାୟକ ସଂଗଠନ ବା ମହିଳା ଏସ୍‌ଏଚ୍‌ଜିଙ୍କ କଥା ଚର୍ଚ୍ଚା କଲାବେଳେ ସବୁଠାରୁ ସଫଳ ଓ ଅନ୍ୟ ଏସ୍‌ଏଚ୍‌ଜି ପାଇଁ ଆଦର୍ଶର କେନ୍ଦ୍ରବିନ୍ଦୁ ସାଜିଛି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ଗ୍ରାମର ସାଇବାବା ଏସ୍‌ଏଚ୍‌ଜି। ଏହାର ସଭାନେତ୍ରୀ ଭାବେ ଜଣେ ଉଚ୍ଚଶିକ୍ଷିତା ଓ ବିଶିଷ୍ଟ ସଫଳ ମହିଳା ଉଦ୍ୟୋଗୀ ନିରୂପମା ଭୂୟାଁ ରହିଛନ୍ତି। ଯାଜପୁର ଜିଲ୍ଲାର ଶ୍ରେଷ୍ଠ ଏସ୍‌ଏଚଜି ଭାବେ ଜିଲ୍ଲା ପ୍ରଶାସନ, ଓର୍‌ମାସ, ରାଜ୍ୟ ସଂଗଠନ ଓ ବିଭିନ୍ନ ଆଧ୍ୟାତ୍ମିକ ଓ ସମାଜ ସେବା ସଙ୍ଗଠନ ଠାରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଗ୍ରାମାଞ୍ଚଳରେ ରହିଥିବା ଏହି ମହିଳା ସ୍ୱୟଂ ସହାୟକ ସଙ୍ଗଠନ ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ସୀମାସାଧ ଭିତରେ ନିୟମିତ ସେବା ଓ ସହଯୋଗ ଜାରି ରଖିଛି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏହି ଏସ୍‌ଏଚ୍‌ଜି ପରିଦର୍ଶନ କରି ସେ ସମୟର ସଭାନେତ୍ରୀ ଥିବା ଶୈଳବାଳା ଭୂୟାଁଙ୍କ ସହ ସାକ୍ଷାତ ଆଲୋଚନା ସହ ଏହି ଅନୁଷ୍ଠାନର ଭୂୟଂଶୀ ପ୍ରଶଂସା କରିଥିଲେ। ଗ୍ରାମାଞ୍ଚଳର ଏହି ମହିଳା ଏସ୍‌ଏଚ୍‌ଜି ସ୍ଥାନୀୟ ଅଞ୍ଚଳର ବିକାଶରେ ଭାଗିଦାରୀ ହେବା ସହ ଅନେକ ମହିଳା ଓ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଆର୍ଥିକ ପ୍ରଗତିରେ ସହାୟକ ହୋଇଛି। ଓର୍‌ମାସ ଓ ରାଜ୍ୟ ମହିଳା ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନ ଯୋଗ ଦେବା ସହ ଅନେକ ପ୍ରଦର୍ଶନୀ, ମହୋତ୍ସବ ମେଳାରେ ସାମିଲ ହୋଇ ନିଜର ସାମଗ୍ରୀକ ବିକାଶର ଚିତ୍ର ସମସ୍ତଙ୍କ ସାମ୍ନାକୁ ଆଣିବାରେ ସହାୟକ ହୋଇଛି।

ରାଜ୍ୟରେ ୬ଲକ୍ଷ ୭ହଜାର ୮୫୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ସେଥିରୁ ଗତ ଦୁଇବର୍ଷ ମଧ୍ୟରେ ୧ଲକ୍ଷ ୨୮ହଜାର ୩୬ଟି ଗୋଷ୍ଠୀଙ୍କୁ ୧୨୮କୋଟି ୩ଲକ୍ଷ ୬୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଛି ବୋଲି ଚଳିତ ବିଧାନସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସୂଚନା ଦେଇଛନ୍ତି। କେବଳ କଟକ ଜିଲ୍ଲାରେ ଗତ ଦୁଇ ବର୍ଷରେ ୧୦ହଜାର ୧୩୭ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦କୋଟି ୧୩ଲକ୍ଷ ୭୦ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି। ସରକାର ଏହା ମଧ୍ୟ ବିଧାନସଭାରେ ସ୍ୱୀକାର କରିଛନ୍ତି ରାଜ୍ୟରେ ୭୨ହଜାର ୫୮୭ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାବେଳେ ୩୪ହଜାର ୬୫୧ କେନ୍ଦ୍ରର ନିଜସ୍ୱ ଘର ନାହିଁ। ୧୩୫୬୬ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଚାଲିଛି ଆଉ ୧୨୧୫୬ଟି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୯୬୪ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନଥିବାବେଳେ କଟକ ଜିଲ୍ଲାରେ ୨୩୨୫ ଓ ଯାଜପୁର ଜିଲ୍ଲାରେ ୧୯୮୨ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ। ରାଜ୍ୟର ପ୍ରଗତି ଓ ବିକାଶରେ ସର୍ବଶେଷ ଖବର ଅନୁଯାୟୀ ବିଧାନସଭାରେ ମହିଳା ମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ମହିଳା ସଶକ୍ତୀକରଣ ପାଇଁ ତାଙ୍କ ନିଷ୍ଠାପର ଓ ଆଦର୍ଶର ଉତ୍ସାହର ବଡ଼ ସହଯୋଗ। ଓଡ଼ିଶାର ବିକାଶରେ ମହିଳା ସ୍ୱୟଂ ସହାୟକ ସଂଗଠନର ଗୁରୁ ଦାୟିତ୍ୱ ରହିଛି। ଏ କ୍ଷେତ୍ରରେ ସରକାର ପ୍ରଶାସନ ଠାରୁ ଆମ ସମସ୍ତଙ୍କର ମିଳିତ ସହଯୋଗ ବଢିଲେ ରାଜ୍ୟର ବିକାଶରେ ଆତ୍ମନିର୍ଭରଶୀଳ ମହିଳାଙ୍କ ସଫଳ କାହାଣୀ ସମାଜର ଚିତ୍ର ବଦଳାଇବା ପାଇଁ ସମର୍ଥ ହେବ ଏହି ଆଶା କରୁଛୁ।

*ଦୂରସଞ୍ଚାର ଭବନ, ଲିଙ୍ଗରୋଡ଼, କଟକ*
*ମୋ : ୯୪୩୭୦୦୪୮୮୮*

# ମୋକ୍ଷ ପଥ

## ଯୋଗୀ ଗଣେଶ୍ୱର

ଭାଗ-୩୨

*"ଶୁଣିଣ ହାଡ଼ିପା ଦେଖାଇଣ ଦେଲେ*
*ମହତ ଚନ୍ଦନ ବୃକ୍ଷ।*
*ଏହାର ବକଳ ଘେନିଆସ ବାବୁ ଆଜି*
*ସେହି ହେବ ଭକ୍ଷ ॥"*

କାଶୀନଗରର ପଶ୍ଚିମଘାଟରେ ବହି ଯାଉଥିବା ପବିତ୍ର ଗଙ୍ଗାନଦୀ ତଟରେ ବସି ହାଡ଼ିପା କହିଲେ-ବତ୍ସ ଗୋବିନ୍ଦ,କାଶୀନଗ୍ରରେ ତ୍ରିଦିବସ ସ୍ନାନ,ସନ୍ଧ୍ୟା,ଜପତପ ସବୁ ସରିଛି। କାଲି ପ୍ରଭାତରେ ପ୍ରଭୁ କାଶୀନାଥଙ୍କର ଆଶୀର୍ବାଦ ଭିକ୍ଷା କରି ଆମେ ମାଳବଦେଶ ଅଭିମୁଖେ ଯାତ୍ରା କରିବା। ଏଠାରୁ ଚାଳିଶ କୋଶ ଚାଲିବା ପରେ ବାଟରେ ପଡ଼ିବ ଭୈରବପୁର। ଆମେ ସେଠାରେ ରାତ୍ରିଯାପନ କରି ପ୍ରାତଃରୁ ପୁଣି ବାଟ ଚାଲିବା। କାଲି ପ୍ରଭାତରେ ତୁମେ ଶିବଙ୍କ ଦ୍ୱାରା ଖୋଦିତ ଜ୍ଞାନବାପୀଜଳରେ ସ୍ନାନ ସାରି କାଶୀନାଥଙ୍କୁ ଦଣ୍ଡପ୍ରଣାମ ଜଣାଇବ। ଶରୀରକୁ ଭୂମିଷ୍ଠ କରି ଗୁହାରି କରିବ। ସଂସାରୀମଣିଷ ଭଳି କିଛି ମାଗିବ ନାହିଁ। ଚେତନାକୁ ତାଙ୍କ ପୟରରେ ଲଗାଇ ଦେଇ କେବଳ କୃପାଦେହିଂ କହିବ। ସେଇ ଦୟାମୟ ମହାଯୋଗୀ ଅବଶ୍ୟ ତୁମକୁ ତୋଳି ନେବେ! ତହିଁପର ଦିନ ସକାଳୁ ଗୁରୁଶିଷ୍ୟ ଦୁହେଁ କାଶୀନଗର ତ୍ୟାଗ କରି ମାଳବଦେଶ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଦୁର୍ଗମ ବଣପାହାଡ଼ ଭିତରେ ଥିବା ଜନବସତିର ନାମ ଭୈରବପୁର। ଗୁରୁ ଶିଷ୍ୟ ଦ୍ୱୟ ଚାଳିଶ କୋଶବାଟ ଅତିକ୍ରମ କରି ସନ୍ଧ୍ୟା ପୂର୍ବରୁ ଭୈରବପୁରରେ ପହଞ୍ଚିଗଲେ। ପାହାଡ଼ର ଶୀର୍ଷରେ ଥିବା ମା'ଭୈରବୀଙ୍କର ପୀଠସ୍ଥଳିରେ ରାତ୍ରିଯାପନର ବ୍ୟବସ୍ଥା କରିବା ନିମନ୍ତେ ହାଡ଼ିପା ଗୋବିନ୍ଦଙ୍କୁ ସୂଚାଇ ଦେଲେ। କହିଲେ-ବତ୍ସ, କ୍ଷୁଧା ନିବାରଣ ପାଇଁ ତୁମେ ନିକଟସ୍ଥ ଜନବସତିକୁ ଯାଇ କିଛି ଭିକ୍ଷା ମାଗି ଆଣ। ତାହା ଭକ୍ଷଣ କରି ଆମେ ଏଇ ମା'ଙ୍କ ପୀଠରେ ରାତ୍ରି ବିତାଇବା।

ଗୁରୁଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ମାତା ଭୈରବୀଙ୍କୁ ପ୍ରଣାମ ଜଣାଇ ଭୈରବପୁର ଗାଁ ଭିତରକୁ ପ୍ରବେଶ କଲେ। କେତେ ସମୟ ପରେ ଗୋବିନ୍ଦ ଖାଲି ହାତରେ ଫେରି ଆସିଲେ। କହିଲେ ଗୁରୁଦେବ, ଏଠାକାର ବାସିନ୍ଦା ରାତ୍ରରେ କେବଳ ମାଂସ ଭକ୍ଷଣ କରନ୍ତି। ମା'ଭୈରବୀ ଏଠାକାର ଆରାଧ୍ୟଦେବୀ। ପ୍ରତ୍ୟେକ ରାତ୍ରରେ ମା'ଙ୍କୁ ଛାଗବଳୀ ଦେଇ ସେଇ ମାଂସକୁ ଗାଁ ଲୋକେ ପ୍ରସାଦ ଭାବରେ ସେବନ କରନ୍ତି! ସେମାନେ ମାଂସ ଯାଚିବାରୁ ତାହା ଗ୍ରହଣ ନ କରି ଫେରି ଆସିଲୁ। ଗୋବିନ୍ଦଙ୍କ ମୁଖରୁ ଏପରି ବାକ୍ୟ ଶ୍ରବଣ କରି ହାଡ଼ିପା କହିଲେ,ବତ୍ସ ତୁମେ ଠିକ୍ କରିଛ। ସଂସାରଜନେ ଯୋଗମାୟାଙ୍କ ଅଧୀନରେ ରହି ଦିନ ବଞ୍ଚନ୍ତି। ସେମାନେ ଯାହା ଭକ୍ଷଣ କରନ୍ତି ତାହାକୁ ଯୋଗମାୟାଙ୍କୁ ସମର୍ପଣ କରି ମା'ଙ୍କ ପ୍ରସାଦ ଭାବରେ ଭୁଞ୍ଜିଥାନ୍ତି। ଆଜରାତ୍ରରେ ଏଇ ଯେଉଁ ଭୈରବୀଙ୍କ ପୀଠରେ ଆମେ ଆଶ୍ରୟ ନେଇଛେ ସେ ହେଉଛନ୍ତି ଯୋଗମାୟାଙ୍କ ସ୍ୱରୂପ। ଏଇ ମା' ତାମସିକ,ରାଜସିକ ଗୁଣଧାରୀ ମନୁଷ୍ୟଙ୍କୁ ନିୟନ୍ତ୍ରଣ କରିଥାନ୍ତି! ତୁମେ ତ୍ରିଗୁଣମାୟାର ତମ,ରଜଗୁଣକୁ ପାର କରି ସାରିଲଣି। ସେଥିପାଇଁ ମାଂସଭୋଜନ ପ୍ରତି ତୁମ୍ଭର ଅରୁଚି ଜାଗ୍ରତ ହୋଇଛି। ଏବେ ତୁମେ ଦେଖ,ମନ୍ଦିରର ପଶ୍ଚାତ୍‌ଭାଗରେ ଯେଉଁ ମହତଚନ୍ଦନ ବୃକ୍ଷ ରହିଛି,ତାହାର ବକଳ ଅତି କୋମଳ ଓ ପୁଷ୍ଟିକର। ତୁମେ ସେଇ ବୃକ୍ଷର ବକଳ କିଛି ନେଇ ଆସ, ଆଜରାତ୍ରରେ ସେଇ ବକଳ ଖାଇ କ୍ଷୁଧା ଉପଶମ କରିବା। ଗୋବିନ୍ଦ ଅବିଳମ୍ବେ ଗୁରୁଙ୍କ ନିର୍ଦ୍ଦେଶ ପାଳନ କଲେ। ମହତଚନ୍ଦନ ବୃକ୍ଷର ବକଳ ନେଇ ଆସିଲେ। ଗୁରୁଶିଷ୍ୟ ଦୁହେଁ ସେଇ ବକଳ ଭକ୍ଷଣ କରି ବିଶ୍ରାମ ଉଦ୍ଦେଶ୍ୟରେ ଦେବୀଙ୍କ ପ୍ରାଙ୍ଗଣରେ ଥିବା ଶିଶିପା ବୃକ୍ଷମୂଳ ଚାନ୍ଦନୀରେ ବସି ମାତାଦୁର୍ଗାଙ୍କ ପୟରରେ ଧ୍ୟାନ ଲଗାଇଲେ।

ହାଡ଼ିପା କହିଲେ-ବତ୍ସ ଗୋବିନ୍ଦ,ଏଇ ଦୁର୍ଗମବଣ ପାହାଡ଼ ଭିତରେ ଭୈରବପୁର ନିର୍ମାଣର ରହସ୍ୟ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଓ ଗୋପନୀୟ। ମା'ଭୈରବୀ ହେଉଛନ୍ତି ଦୁର୍ଗାଙ୍କର ସହଚରୀ। ଅତୀତ କାଳରେ ମା'ଦୁର୍ଗା ପାପୀଜନଙ୍କୁ ଧରିଆଣି ଏହି ଗୋପନୀୟ ସ୍ଥାନରେ ମସ୍ତକଛେଦନ କରୁଥିଲେ। ମା'ଦୁର୍ଗାଙ୍କର ତାଡ଼ନା କ୍ଷେତ୍ର ଏହି ଭୈରବୀପୀଠ! ସୁନାକୁ ଅଗ୍ନିରେ ଆଉଟି ସ୍ୱଚ୍ଛ କରିବା ଢଙ୍ଗରେ ଅତୃପ୍ତ ଦୁଷ୍ଟଆତ୍ମାଙ୍କୁ ଏଠାରେ ଦଣ୍ଡଦେଇ ମାନବଜନ୍ମର ଲକ୍ଷ୍ୟ ସାଧନ କରନ୍ତି ମା'ଭୈରବୀ! ଯେଉଁମାନେ କାଳଚକ୍ରରେ ବାରମ୍ବାର ଜନ୍ମ ହୋଇ ଜଗତହିତରେ କର୍ମ କରନ୍ତି ନାହିଁ,ପୁଣି ବିପରିତଧର୍ମୀ କର୍ମରେ ଲିପ୍ତ ରହି ବିଷ୍ଣୁଙ୍କ ଜଗତକୁ ଛାରଖାର କରନ୍ତି,ସେମାନଙ୍କୁ ଏଇ ଭୈରବପୁରରେ ଦଣ୍ଡ ମିଳିଥାଏ। କାଳକ୍ରମେ ମା'ଦୁର୍ଗାଙ୍କର କାଳଭୈରବୀ ରୂପ ଏହି ବଣ ଭୂଖଣ୍ଡରେ ସ୍ଥାପିତ ହୋଇଛି! ରକ୍ତମୁଖୀ ମା'ଙ୍କର କୋପଶାନ୍ତ ଉଦ୍ଦେଶ୍ୟରେ ଅନେକ ତାନ୍ତ୍ରିକ ଏଠାରେ ବଳୀ ଯାଚିଥାନ୍ତି। ସେଇ କାଳରୁ ଏଠାରେ ବଳୀପ୍ରଥା ଚାଲୁ ରହିଛି। ମା'ଭୈରବୀଙ୍କୁ ଆରାଧନା କଲେ ପାପର ପ୍ରାୟଶ୍ଚିତ ହୋଇଥାଏ। ଆତ୍ମଚେତନାକୁ କେବଳ ମାତୃଶକ୍ତି ହିଁ ମାର୍ଗଦର୍ଶନ କରିଥାନ୍ତି। ପ୍ରେମରେ ହେଉ ଅଥବା କ୍ରୋଧରେ ହେଉ,ମନୁଷ୍ୟର ଚେତନାକୁ ସଜାଡ଼ିବା ହେଉଛି ମା'ଦୁର୍ଗାଙ୍କର ମହତକର୍ମ। ଭୈରବପୁର ସଂପର୍କରେ ସଂକ୍ଷିପ୍ତ ସୂଚନା ଦେଇ ହାଡ଼ିପା ପୁଣି କହିଲେ-ବତ୍ସ ଗୋବିନ୍ଦ,କାଲି ପ୍ରଭାତରୁ ଆମେ ମାଳବଦେଶ ଅଭିମୁଖେ ଯାତ୍ରା କରିବା। ତୁମେ ନିକଟସ୍ଥ ଝରଣାଜଳରେ ସ୍ନାନସାରି ମାତା ଭୈରବୀଙ୍କ ଆଶୀର୍ବାଦ ଭିକ୍ଷା କରିବ। ମା'ଙ୍କର ଚନ୍ଦନସିନ୍ଦୁର ଦେହରେ ବୋଳିହେବ। କହିବ,ମା'ଅତୀତର ସର୍ବ ପାପତାପ ଖଣ୍ଡନ କରିଦିଅ। ତହିଁପରେ ଆମେ ଯାତ୍ରା ଆରମ୍ଭ କରିବା। ହରି ଓଁ ତତସତ୍!

*ଦୂରଭାଷ-୯୬୬୮୬୩୧୨୫୭*

# ପିଲାଙ୍କ ଦୁନିଆ





ସାନ୍‌ଭି ସାହୁ
ଷ୍ଟାଣ୍ଡାର୍ଡ- ୨
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ





ସୋନାଲ ସାହୁ
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ
ଠାକୁର କମ୍ପ୍ଲେକ୍ସ
ମୁମ୍ବାଇ

# ଉଜୁଡ଼ା ସ୍ୱପ୍ନର କିର୍ତ୍ତନ



## ରାଜେଶ ପୂଜାରୀ

ଯେବେ ବି ନୂଆଁ ନୂଆଁ
ସ୍ୱପ୍ନ ମାନେ
ମୋ ଭାଗର ଆକାଶରେ
ତାରା ହୋଇ ଫୁଟନ୍ତି
ତେବେ ଅଧୁରା ସ୍ୱପ୍ନ ଗୁଡ଼ାକ
ମୋ ଭିତରେ କୀର୍ତ୍ତନ କରନ୍ତି।
ମୁଁ ଖୁବ୍ ଅସ୍ତବ୍ୟସ୍ତ
ତାଙ୍କ ପାଇଁ,
ସାତ ତାଳ ପାଣି ଭିତରେ
ଥିବା ଫରୁଆରେ ଲୁଚିଲେ ବି
ସେମାନେ ଚାଉଁକିନା
ହାଜର ହୋଇଯାଆନ୍ତି ମୋ ସାମ୍ନାରେ
ଦୋହଲାଇ ଦିଅନ୍ତି ଗୋଟାପଣେ
କାହିଁକି ନା' ସେମାନେ ରହନ୍ତି
ମୋ ଭିତରେ କଉ ଏକ ଅନାଦି କାଳରୁ।

ତାଙ୍କ ଅଚୁକ ପ୍ରଶ୍ନବାଣ ଘେରେ
ମୁଁ ନିରସ୍ତ୍ର ଅଭିମନ୍ୟୁ ପରି ଡ଼ିଆଁ ମାରେ
ଲୁହର ସାଗରକୁ,
ହେଲେ ସେଠାରେ ବି ସେମାନେ



ଝାମ୍ପି ପଡ଼ନ୍ତି ମୋ ରୂପରେ
ବାରମ୍ବାର ମୋ ଅତୀତରୁ
ବର୍ତ୍ତମାନକୁ ସୂତାଖିଅ ଲମ୍ବାଇ
ରାଣୀ ଭିକ୍ଟୋରିଆଙ୍କ ମୁନିଆଁ ନଖରୁ
ଆହୁରି ମୁନିଆଁ ହୋଇ
ଖୁମ୍ପିଦିଅନ୍ତି ମୋର ମନ୍ମୟ ମଣ୍ଡଳ
କରି ତିଳକୁ ତାଳ।
ତାଙ୍କ ପାଖରେ ହୁଏତ,
ମୋଠୁ କିଛି ପାଇବାର ଆଶା ବା ଅବସୋସ ନାହିଁ
କିନ୍ତୁ ପାଗ ମିଳିଛି ଯେହେତୁ
କାହିଁକି ନ କରିବେ,
ଖୁସାକୁ ଚାଉଁରି
ବୁଢ଼ାକୁ ଧାଙ୍ଗିରି !
ସେମାନେ ଅଜାଡ଼ି ଦିଅନ୍ତି ମତେ
ଟୁପା ଟୁପା ଯନ୍ତ୍ରଣା,
ଯାହା ମୋର ପ୍ରତିଟି ମାହେନ୍ଦ୍ର ଅମାହେନ୍ଦ୍ର
ଆଗତ ଅନାଗତ ମୁହୂର୍ତ୍ତ ମାନଙ୍କୁ
କରିପକାଏ ଲହୁଲୁହାଣ
ଆଉ ଆଖି ବଗିଚାରେ
ନୂଆଁ ହୋଇ ଫୁଟୁଥିବା ସ୍ୱପ୍ନ ଗୁଡ଼ାକ
କଢ଼ରୁ ଫୁଲ ହେବା ଆଗୁଁ ଝଡ଼ି ପଡ଼ନ୍ତି ଅକାଳରେ।

ତାଙ୍କ ନୀରବ ପ୍ରଳାପ
ସତେ ଯେମିତି ମୋ ପାଇଁ ଅଭିଶାପ,
ଯାହା ମତେ ଦୁର୍ବଳ କରିପକାଏ
ଆଉ ମୁଁ...
ପୋତିପକାଏ ନିଜେ ନିଜକୁ
ନିଜେ ଖୋଳିଥିବା ବିଶାଳ ଗାତରେ
ରାଗରେ-ଘୃଣାରେ ।

***କୁଶମେଲ, କପିଳାପୁର, ପଞ୍ଚଗାଁ***
***ଝାରସୁଗୁଡ଼ା-୭୬୮୨୨୬***
***ମୋ-୯୭୭୭୨୮୦୫୯୪***

# ପରୀ

## ପବିତ୍ର ମୋହନ ଦାଶ



ତୁମକୁ ଖୋଜି ଚାଲିଛି ଖୁବ୍ ଛୋଟ ବେଳୁ
କେତେ ନାଁ କେତେ ପ୍ରତିଶବ୍ଦେ
ଆଶା, ସ୍ୱପ୍ନ, ଗୀତ, ନିଦ
ମୋ ସୁଖକୁ ଯାହା ଯାହା ସାଜେ।
ଗାଁ ଗହୀରରେ ଦିନେ ତଳିରୋଇ
ଗାଉଥିଲ ଗୀତ
ସ୍ୱର ଶୁଣି ପାଖକୁ ଯାଆନ୍ତେ
କଟାକ୍ଷରେ ପଉରିଲ
କେବେ କେଉଁ ପରୀଙ୍କ ମୁହଁରେ
କାଦୁଅର ଛିଟିକା ଦେଖିଚ ?



ଜଙ୍ଗଲର ରହସ୍ୟ ଭିତରେ
ନାଚୁଥିଲ ନିଶାସକ୍ତ ମାଦଳ ତାଳରେ
ଧ୍ୱନିଶୁଣି ପାଖକୁ ଯିବାରୁ
ହସି ହସି ଗପିଗଲ
"ଏତେ ଝାଳ ଥାଏ କ'ଣ ପରୀଙ୍କ ଦେହରେ ?
ସ୍କୁଲ, କଲେଜରେ
ଯେଉଁ ବେଞ୍ଚରେ ତୁମେ ବସିବାର ଥିଲା
ଜାଗାମାଡି ବସିଥିଲେ ସେଠି
କଳିହୁଡି, ପ୍ରତିଯୋଗୀମାନେ
ଖାଲିଥିଲା ତୁମ ପରି ଚିକ୍‌କଣ ଚେହେରା
ଫ୍ୟାସନ୍ ସୋ'ରେ
ତୁମ ଦେହେ କେତେ ଲେପ ବୋଳି
ଅଶାଳୀନ ଭାବେ ତୁମକୁ ଚଲାଉଥିଲା ଏପାଖ
ସେପାଖ
ମୋଟା, ଚାନ୍ଦା ଅଦୃଶ୍ୟ ଇସାରା।
ଚିତ୍ର ଗ୍ୟାଲେରିରେ ତୁମେ ଫୁଟିଥିଲ ଅଧା
କୋଉ ଚିତ୍ରକର ପାଖେ ରଙ୍ଗର ଅଭାବ
କା ପାଖେ ନଥିଲା ଭାବ
ତୁମ ରୂପ ଦେଖିବାକୁ ସମ୍ପୂର୍ଣ୍ଣ ରୂପରେ।
ତୁମକୁ ଚରିତ୍ର କରି
ଲେଖିବାକୁ ଡରୁଥିଲେ କଥାକାରମାନେ
କାଳେ କିଏ କହିଦେବ
ପରୀମାନେ କଣ ଆତଯାତ
ସାମାଜିକ ଜୀବନ ଭିତରେ ?
ଦିନେ ବସ୍ ଝର୍କାରୁ ତୁମ ମୁହଁ ଦେଖି
ନିକଟକୁ ଗଲି
ତୁମ ଦେହକୁ ବିଦାରି ଚାଲିଯାଇଥିଲେ
କଳାକଳା ବିକଟାଳ ଛାଇ
ରକ୍ତ ଜୁଡୁବୁଡୁ ମୁହଁ
ଦିଶୁଥିଲା ତାସଲ୍ୟ ଯେପରି।
ମନେହେଲା ଯାହାବି ଭୋଗୁଛ ତୁମେ ଯେଉଁଠାରେ
ସେଥିପାଇଁ ମୁଁ ଦାୟୀ
ମିଛରେ ବିବ୍ରତ ବ୍ୟସ୍ତ
ତୁମଠାରେ ତୁମକୁ ନପାଇ।

***ଅଧ୍ୟାପକ, ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ***
***ବାଲିପୁଟ, ପୁରୀ***

# ଚେନାଏ ମୁହୂର୍ତ୍ତ ଖୁସିର



## ଦେବସ୍ମିତା ବେହେରା

**"ସତରେ ମଣିଷ ଯଦି ନିଜ ସ୍ୱାର୍ଥକୁ ଗୋଟିଏ ପଟେ ରଖି ମୁହଁରେ କ୍ଷଣିକ ପାଇଁ ହେଉ ପଛକେ ହସଟେ ଫୁଟାଇ ପାରିବ ତେବେ ତା' ମଣିଷ ଜନ୍ମ ସାର୍ଥକ ହୋଇଯିବ । ଆଜିର ଏହି ସ୍ୱାର୍ଥରେ ଅନ୍ଧ ସମାଜରେ ଯଦି ଆମେ ସୁବିଧା ସୁଯୋଗରୁ କାଣିଚିଏ ଯଦି କୌଣସି ଗରୀବର ସହାୟତା ପାଇଁ ବିନିଯୋଗ କରିବା ତେବେ ଆମର ଏ ସମାଜରେ ଖେଳିବ ଚେନାଏ ମୂହୁର୍ତ୍ତ ଖୁସିର।"**

ଘନ ଘନ ଫୋନ୍ ରିଙ୍ଗ ହେବା ସତ୍ତ୍ୱେ ଶବ୍ଦ ଶୁଣି ଫୋନ୍ ଉଠାଇଲା ସୁବ୍ରତା । ସେ ପଟରୁ ମିସେସ୍ ଦାସ୍ କହିଲେ, 'କ'ଣ ସୁବ୍ରତା ମାଡାମ୍ ।' ଆଜି ଆପଣ ଫ୍ରି ଅଛନ୍ତି ତ ! "ଆମେ ସମସ୍ତେ ଆମ ଲେଡିଜ୍ କ୍ଲବ୍ ତରଫରୁ ଅନାଥ ଶ୍ରମରେ ଗରୀବ ପିଲାମାନଙ୍କୁ ନୂଆ ଡ୍ରେସ ଆଉ କିଛି ବାଣ ବାଣ୍ଟିବାକୁ ଯିବୁ। ଆପଣ ଆମ ସହିତ ଗଲେ ଭଲ ହୁଅନ୍ତା ।"

ଏହା ଶୁଣି ସୁବ୍ରତା ଖୁସିରେ ହଁ ଭରି ଦେଲ. ହଁ..ହଁ..ଭଲ କାମ ପାଇଁ ନିଶ୍ଚୟ ଯିବି । ଫୋନକୁ ରଖିଦେଇ ଖୁସିରେ ଥରେ ନାଚି ଉଠିଲା ସୁବ୍ରତା । ସତେ ଯେମିତି ତା' ମନ ପବନରେ ଉଡୁଥିଲା । କାହିଁକିନା ଏମିତି ଥରେ ଚ୍ୟାରିଟି କରିବାକୁ ଯାଇଥିଲେ ସେମାନେ ବୃଦ୍ଧାଶ୍ରମକୁ । କେତେ ଫଟୋ ଉଠିଥିଲା ସେମାନଙ୍କର ଆଉ ସମ୍ବାଦ ପତ୍ରରେ ମଧ୍ୟ ସେମାନଙ୍କର ଫଟୋ ସହିତ ବଦାନ୍ୟତା ବିଷୟରେ ବାହାରିଥିଲା ।

ଏମିତି କେତେ କ'ଣ ଭାବି ଭାବି ସେ ବାହାରିବାକୁ ତର ତର ହେଲା ବେଳକୁ ପୁଅ ବିଶ୍ୱାସ ପଶି ଆସିଲା ରୁମ୍ ଭିତରକୁ । ମମ୍ମିଙ୍କୁ ଏତେ ଖୁସି ଦେଖି ପଚାରିଲା,

"ମମ୍ମି..କଥା କ'ଣ ? ଆଜି କ'ଣ ବହୁତ ଖୁସି ଦେଖାଯାଉଛ ।"

"ହଁ..ବିଶୁ..! ମୁଁ ଆଜି ଖୁସି ଅଛି । କାହିଁକିନା ଆଜି ଦିପାବଳୀଟାରେ ଆମେ ଆମ କ୍ଲବ୍ ତରଫରୁ ଯିବୁ ଗୋଟିଏ ଅନାଥଶ୍ରମକୁ..ଚ୍ୟାରିଟି କରିବା ପାଇଁ ।"

ବିଶ୍ୱାସ ଟିକେ ସୁବ୍ରତା ମୁହଁକୁ ଅନେଇ କହିଲା,ଆଚ୍ଛା ମମ୍ମି..ତେମେ ଯେଉଁ ଚ୍ୟାରଟଟ କରିବାକୁ ଯାଉଛ ସେଥିରେ କି ଲାଭ କହିଲ ? ତୁମେ ନ ଗଲେ ବି ଅନ୍ୟ ଆଣ୍ଟି ମାନେ ସବୁ କାମ ତୁଲେଇ ନେବେ । ହେଲେ ତୁମେ ଯେଉଁ ଚ୍ୟାରିଟି କରୁଛ..ସେଥିରେ ତୁମକୁ କ'ଣ ପକୃତ ଖୁସି ମିଳୁଛି ? ଆମ ରୋଜି ମିସ୍‌ତ ଆମକୁ ଶିଖେଇଛନ୍ତି 'charity begins at home' ଯଦି ଚ୍ୟାରିଟି କରିବାକୁ ଏତେ ମନ ତେବେ "ଆମ ଘରେ କାମ କରୁଥିବା କରୁଣା ଅପା,ସୁଧୀର ଭାଇଙ୍କ ବିଷୟରେ କାହିଁକି ଭାବୁନ ? କାହିଁକି ସେମାନେ ଛୁଟି ରହିଲେ ତାଙ୍କ ପଇସା କାଟି ଦେଉଛ ? କ'ଣ ସେମାନେ ଗରୀବ ନୁହନ୍ତି କି ?"

ହଠାତ୍ ଯେମିତି ମେଞ୍ଚାଏ କାଳି କିଏ ବୋଲି ଦେଲା ସୁବ୍ରତାଙ୍କ ମନର କାନ୍‌ଭାସ୍‌ରେ । ତାଙ୍କ ରାଗ ଉଠିଲା ପଞ୍ଚମକୁ । ଫଁ..ଫଁ ହୋଇ କହିଲେ, 'ହଇରେ..ମେଞ୍ଚଡ ଟୋକା..! ତୋର ତ ବହୁତ ସାହାସ ! କ'ଣ ମୋ ମୁହଁ ଉପରେ ଜବାଜ୍ ଦେଉଛୁ । ତତେ ଲାଜ ଲାଗୁନି..ତୁ ପୁଣି ମୋତେ ଶିଖେଇବୁ..ମୁଁ କ'ଣ କରିବି କ'ଣ ନାହିଁ ।'

ଏକଥା ଶୁଣି ସାତ ବର୍ଷର ବିଶ୍ୱାସ ଚୁପ୍ ଚାପ୍ ବାହାରିଗଲା ସେ ରୁମ୍‌ରୁ ଆଉ ଡାଇନିଙ୍ଗ ଟେବୁଲ୍‌ରେ ବସି ହୋମଓ୍ୱାର୍କ କରିବାକୁ ଲାଗିଲା । ଏତିକି ବେଳକୁ ସୁବ୍ରତା ରାଗ ତମ ତମ ହୋଇ ଆସିଲେ ଆଉ ସ୍ୱାମୀ ଡାକ୍ତର ବିଜୟ ପଟ୍ଟନାୟକଙ୍କୁ କହିଲେ, ହଇହୋ.. ଦେଖୁନ ଆମ ବିଶୁକୁ! ସେ ପୁଣି ମୋତେ ଶିଖେଉଛି,କହି ପୁରା ଘଟଣାକୁ ବର୍ଣ୍ଣନା କରିଗଲେ । ଏହା ଶୁଣି ବିଜୟ କହିଲେ, ସେ କ'ଣ ଭୂଲ କହିଲାକି ? ଭଗବାନ ଆମକୁ ଢେର ଦେଇଛନ୍ତି । ଯଦି ସେଥିରୁ ଆମେ ଯଦି ଚ୍ୟାରିଟିରେ ଦେଇଦେବା ତେବେ କିଛି ଊଣା ହେବନି । ତା'ଛଡା ଚ୍ୟାରିଟି ଆଗ ନିଜ ଆଖ ପାଖରୁ ଆରମ୍ଭ କରିବା କଥା ଯେଉଁ ଚ୍ୟାରିଟି ଲୋକ ଦେଖାଣିଆ ପାଇଁ କରାଯାଏ ତା କ'ଣ ଚ୍ୟାରିଟିରେ ଗଣା..ସେତ କେବଳ ଶସ୍ତା ପବ୍ଲିସିଟି !

ସ୍ୱାମୀଙ୍କ କଥା ଶୁଣି ସୁବ୍ରତାଙ୍କର ଦେହରେ ଯେମିତି ନିଆଁ ଲାଗିଗଲା ଯେମିତି । ସେ ତ ଦୁମ୍ ଦୁମ୍ ହୋଇ ପଶିଗଲେ ନିଜ ବେଡରୁମ୍‌କୁ ଆଉ ଭିତରୁ କବାଟ ବନ୍ଦ କରିଦେଲେ । ଏହା ଦେଖି ବିଶ୍ୱାସ ତା' ପାପାଙ୍କୁ କହିଲା,ଆଚ୍ଛା "ପାପା..ମୁଁ କ'ଣ ମମ୍ମିଙ୍କୁ କିଛି ଭୂଲ କହିଦେଲି କି ?"

'ନାଁ ତ ! ତତେ କିଏ କହିଲା ତୁ ଭୂଲ୍ କହିଲୁ ବୋଲି ?'

'ତା ହେଲେ ମମ୍ମି କାହିଁକି ଏତେ ରାଗୁଛନ୍ତି ?'

ନାଁ..ନାଁ..ତୋ ମମ୍ମି କ୍ଷଣ କୋପୀ ବୋଲି କ'ଣ ତୁ ଜାଣିନୁ । ଦେଖ ସେ ଏଇନା ରାଗିଛନ୍ତି..ଆଉ ଟିକେ ପରେ ଶାନ୍ତ ହୋଇ ବାହାରି ଯିବେ ଚ୍ୟାରିଟି ପାଇଁ । ତୁ ଜମାରୁ ବ୍ୟସ୍ତ ହଅନା ! ଚାଲ,ଚାଲ..କରୁଣା ଜଳଖିଆ ବନେଇ ସାରିଲାଣି । ଗରମ ଗରମ ଖାଇନେବା ।

ସକାଳୁ ଯାଇ ଦ୍ୱିପହର ଆସିଲାଣି । କରୁଣା ଖାଇବା ପାଇଁ ଡାକିବା ସତ୍ତ୍ୱେ ସୁବ୍ରତା କବାଟ ଖୋଲିଲେନି ଜମାରୁ । କରୁଣା ମନ ଦୁଃଖରେ ଚୁପ୍ ଚାପ୍ ତା' କାମରେ ଲାଗିଥାଏ । ମାଲିକାଣୀଙ୍କ ମୁଡକୁ ଦେଖି ସେ ଆହୁରି ଦୁଃଖୀ ହୋଇ ଯାଇଥିଲା । କାହିଁକିନା..ଆଜି ହେଉଛି ଦିପାବଳୀ । ସେ ତା' ତିନି ବର୍ଷର ପୁଅ ସୋମୁକୁ କହି ଆସିଥିଲା, କି ଆଜି ସନ୍ଧ୍ୟା ବେଳେ ସେ ତା' ସହିତ ବାଣ ଫୁଟାଇବ । ତିନି ସପ୍ତାହ ହେଲାଣି ତାର ଜର ଛାଡୁନି । କେତେ ଡାକ୍ତର ଦେଖେଇଲାଣି..ହେଲେ କିଛି ଫରକ ପଡୁନି । ଏମିତିରେ ସେ ଭାବିଥିଲା ମାଲିକାଣୀଙ୍କଠୁ କିଛି ଟଙ୍କା ଆଣିବ ଆଉ ପୁଅର ଔଷଧ ଆଉ କିଛି ବାଣ ନେଇ ଘରକୁ ଫେରିବ । ହେଲେ ଆଜି ମ୍ୟାଡାମଙ୍କ ମୁଡ୍ ଯେମିତି ଅଛି କେମିତି ସେ ଟଙ୍କା ମାଗିବ..! କେମିତି ସେ ଅଧା ଦିନର ଛୁଟି ମାଗିବ..? କାହିଁକି ଯେ ବିଶ୍ୱାସ ବାବା ସକାଳୁ ସକାଳୁ ମ୍ୟାଡାମଙ୍କ ସାଙ୍ଗରେ ଲାଗୁଥିଲେ କେଜାଣି..! ଏମିତି କେତେ କ'ଣ ଭାବି ଭାବି ମନ ଦୁଃଖରେ କରୁଣା ଲାଗିଥାଏ ନିଜ କାମରେ ।

ଠିକ୍ ବାରଟା ବେଳକୁ କବାଟ ଖୋଲିଲେ ସୁବ୍ରତା । କରୁଣାକୁ ଖାଇବା ପାଇଁ କିଛି ଆଣିବାକୁ ନିର୍ଦ୍ଦେଶ ଦେଇ ସୁଧୀରକୁ ଫୋନ୍ ଲଗେଇଲେ । କରୁଣା ଚୁପ୍ ଚାପ୍ ଖାଇବା ରଖିଦେଇ ସୁବ୍ରତାଙ୍କ ମୁହଁକୁ ଚାହିଁ ଚୁପ୍ ଚାପ୍ ଠିଆ ହେଲା । "କଣ କିଛି କହିବୁ କରୁଣା.." ! ପଚାରିଲେ ସୁବ୍ରତା ।

ମ୍ୟାଡାମ୍..ନା'..ମୁଁ କ'ଣ କହୁଥିଲି କି..ଆଜି ଦିପାବଳୀ । ପୁଅର ଜ୍ୱର ଛାଡୁନି ତିନି ସପ୍ତାହ ହେଲାଣି । ଭାବୁଛି ଡାକ୍ତରଙ୍କୁ ଦେଖାଇ କିଛି ଔଷଧ ଆଣିବି । ସେଥିପାଇଁ ଯଦି କିଛି ପାଞ୍ଚ ଶହଟଙ୍କା ଦିଅନ୍ତେ ଆଉ ଅଧାଦିନର ଛୁଟି..

ଓହୋ..! କରୁଣା ! ବନ୍ଦ କର ତୋର ବାହାନା । ସବୁ ବେଳେ ତୋର କିଛି ନା' କିଛି ପ୍ରୋବ୍ଲେମ୍ ଲାଗି ରହିଥିବ । ହଁ ମୁଁ ତତେ ପାଞ୍ଚ ଶହ କ'ଣ ହଜାରେ ଟଙ୍କା ଦେବି ହେଲେ ଅଧା ଦିନର ଛୁଟି ଦେଇ ପାରିବିନି । ହଁ..ଶୁଣ..! ଆଜି ମୋର ଦଶ ଏଗାର ଜଣ ଅତିଥି ଆସିବେ ସନ୍ଧ୍ୟାବେଳେ । ସେମାନଙ୍କ ପାଇଁ ଭଲ ଭାବରେ ରୋଷେଇ କରିଥିବୁ । କ୍ଷୀରି,ପୁରୀ,ଛୋଲେ,ପଲଉ,ଆଳୁଦମ୍,ଡାଲଫ୍ରାଇ ଆଉ ତା' ସହିତ ହାଲଓ୍ୱା ମଧ୍ୟ ବନେଇ ଦେଇଥିବୁ । ଦୀପରେ ତେଲ ଭର୍ତ୍ତି କରି ଦେଇଥିବୁ । ସେ ଅତିଥି ମାନେ ଲକ୍ଷ୍ମୀ ପୂଜା ପରେ ବାଣ ଫୁଟେଇବେ..ଆଉ ତା' ପରେ ଡିନର କରିବେ । ତେଣୁ ସନ୍ଧ୍ୟା ବେଳେ ତୋର ଛୁଟି ନାହିଁ । ବୁଝିଗଲୁ.. ! ମୁଁ ଯେମିତି ଆଉ କିଛି ବାହାନା ତୋଠୁ ନ ଶୁଣେ ।

ଏହା ଶୁଣି କରୁଣାର ମୁହଁ ଶୁଖି ଗଲା । ଆଖି ଆଗରେ ତା'ର ଭାସି ଉଠିଲା,ଜ୍ୱରରେ କମ୍ପୁଥିବା ପୁଅର ମୁହଁ । କ'ଣ ବା ସେ କରିପାରିବ ? ସେ ଚୁପ୍ ଚାପ୍ ତା' ଲୁହକୁ ପଣତରେ ପୋଛି ଲାଗି ପଡିଲା କାମରେ ସେ ।

ଖାଇବା ଖାଇଦେଇ ସୁବ୍ରତା ଡ୍ରାଇଭର ସୁଧୀରକୁ ନେଇ କୁଆଡେ ବାହାରି ଗଲେ । ଗଲା ବେଳକୁ ସ୍ୱାମୀଙ୍କୁ କହି ଦେଇଗଲେ,ଦେଖ କରୁଣାକୁ କହି ଦେଇ ଯାଇଛି ଘରଦ୍ୱାର ସଫା ସୁତୁରା କରିବାକୁ ସେ କରିଦେବ । ତୁମେ କୁଆଡେ ବାହାରକୁ ଯିବନି । ଆଜି ମୋର ଦଶ ଏଗାର ଜଣ ଅତିଥି ଆସିବେ ସନ୍ଧ୍ୟାରେ । ମୁଁ ସେମାନଙ୍କୁ ସାଙ୍ଗରେ ଆଣି ଆସିବି । ମୋର ଫେରୁ ଫେରୁ ସନ୍ଧ୍ୟା ଛଅ କି ସାତଟା ହୋଇଯିବ ।

ସ୍ତ୍ରୀଙ୍କର ଏମିତି ବାହାରକୁ ବାହାରିବାଟା..ପୁଣି ଦିପାବଳୀ ଭଳି ଦିନରେ..କାହିଁକି ବିଜୟଙ୍କୁ ଭଲ ଲାଗିଲାନି । ସେ ଗୁଣୁ ଗୁଣୁ ହୋଇ କହିଲେ,ଏମିତି କେଉଁ ଅତିଥି ଆସିଛନ୍ତି ଯେ, ମ୍ୟାଡାମ୍ ତାଙ୍କୁ ଏଇ ଦିନ ଗୋଟାଏ ବେଳୁ ଆଣିବାକୁ ବାହାରିଲେଣି ? କହିଲେ ନା' କ'ଣ ଫେରୁ ଫେରୁ ଡେରି ହୋଇ ଯିବ..ହୁଁ..!

ଠିକ୍ ତିନିଟା ବେଳକୁ ଫେରି ଆସିଲା ସୁଧୀର । ବିଜୟ ତାକୁ ସୁବ୍ରତା କାହାନ୍ତି ବୋଲି ପଚାରିବାରୁ ସେ କହିଲା, ମ୍ୟାଡାମ୍ ତ ଅତିଥି ମାନଙ୍କ ପାଇଁ ସପିଙ୍ଗ କଲେ । ତା'ପରେ ମୋତେ ଘରକୁ ଫେରିଯାଇ ଲିଚୁ ଲାଇଟ୍ ଲଗାଇବା ପାଇଁ କହିଲେ । ମୁଁ ତାଙ୍କୁ ଛୁଟି ମାଗିବାରୁ କହିଲେ,ନା..ନା..ରାତିରେ ମୋ ଅତିଥି ମାନଙ୍କୁ ଘରେ ଛାଡି ସାରିଲା ପରେ ଯାଇ ଡ୍ୟୁଟି ସରିବ । ବରଂ ତୁମେ କାଲି ଛୁଟି ନେଇ ପାର ସୁଧୀର ! ଆଜି ନୁହେଁ । ଏତିକି କହି ସବୁ ଜିନିଷକୁ ଧରି ଗୋଟିଏ ଟ୍ୟାକ୍ସିରେ କୁଆଡେ ଗଲେ ।

ଏହା ଶୁଣୁ ଶୁଣୁ ବିଜୟ ଟିକେ ରାଗିଯାଇ କହିଲେ, "ଏ ସ୍ତ୍ରୀ ଲୋକର ମୁଣ୍ଡ ଖରାପ ହେଇଗଲାଣି ନା' କ'ଣ ? ଦିପାବଳୀଟାରେ ଲୋକମାନେ ପରିବାର ସହିତ ବିତାଇବାକୁ ଚାହାନ୍ତି । ଅତଚ ଇଏ ତତେ ଆଉ କରୁଣାକୁ ଛୁଟି ନ ଦେଇ ନିଜେ ବାହାରେ ବୁଲୁଚି ।"

ଏହା ଶୁଣି ସୁଧୀର ମନ ଦୁଃଖରେ ଲିଚୁ ଲାଇଟ୍ ଲଗାଇବାକୁ ଚାଲିଗଲା । ତା'ର ରହି ରହି ମନେ ପଡୁଥିଲା ବାପାଙ୍କର କାଶ..। ଆଉ ସେ ଜଲଦି ଯାଇ ବାପାଙ୍କୁ ଡାକ୍ତର ଦେଖାଇ ଥାଆନ୍ତା, ଆଉ ନିଜ ପୁଅ, ଝିଅ,ସ୍ତ୍ରୀ ଆଉ ବାପା,ମାଙ୍କ ସହିତ ବାଣ ଫୁଟାଇଥାନ୍ତା । ହେଲେ..ଆଜି ବେଧେ ଆଉ ତାହା ସମ୍ଭବ ନୁହେଁ । ସେ ମନେ ମନେ ନିଜ ଭାଗ୍ୟକୁ ଆଉ ମ୍ୟାଡାମ୍‌ଙ୍କୁ ନିନ୍ଦୁଥିଲା ।

ଠିକ୍ ସନ୍ଧ୍ୟା ସାଢେ ଛଅଟାରେ ଗେଟ୍ ସାମ୍ନାରେ ଅଟକିଲା ଗାଡି ଦୁଇଟା । ଗୋଟିଏ ଗାଡିରୁ ହସି ହସି ବାହାରି ଆସିଲେ ସୁବ୍ରତା,କ'ଣ ମ୍ୟାଡାମ୍ ! ଆଜି ଦିପାବଳୀ ବୋଲି କ'ଣ ଏଇନା ମନେ ପଡିଲା ? "ଚାରିଆଡକୁ ଟିକେ ଚାହିଁ ଦେଇ କହିଲେ,ଆଉ କାହାନ୍ତି ତୁମର ସେହି ଅତିଥି ମାନେ ?"

"ରୁହ, ରୁହ, ଟିକେ ଦମ୍ ନିଅ। ଦେଖ ମୁଁ କାହାକୁ ଆଣିଛି ସାଙ୍ଗରେ । ସୁଧୀର..ସୁଧୀର..କରୁଣା..ଜଲଦି ପାଣି ନେଇ କରି ଆସ ତ ଅତିଥି ମାନଙ୍କ ପାଇଁ ।" ବିଜୟ ଦେଖିଲା ବେଳକୁ ଦୁଇଟି କାର୍‌ରୁ ପିଲା, ଛୁଆ, ବୁଢା, ବୁଢୀ, ସ୍ତ୍ରୀ ଲୋକ,ପୁରୁଷ ଲୋକ ଏମିତି ପାଖାପାଖି ନଅ ଜଣ ଓହ୍ଲେଇଲେ । ସେମାନେ ସମସ୍ତେ ଅପରିଚିତ ଥିଲେ ବିଜୟଙ୍କ ପାଇଁ ।

ହେଲେ କରୁଣା ଆଉ ସୁଧୀର ଅତିଥି ମାନଙ୍କୁ ଦେଖି ଅଟକି ଗଲେ କ୍ଷଣକ ପାଇଁ । କାହିଁକିନା..ଅତିଥି ମାନଙ୍କ ଭିତରେ ଥିଲେ କରୁଣାର ଶାଶୁ,ଶଶୁର,ସ୍ୱାମୀ ଆଉ ତିନି ବର୍ଷର ପୁଅ ଆଉ ସୁଧୀରର ବାପା, ମା, ସ୍ତ୍ରୀ, ପୁଅ ଆଉ ଝିଅ । ସେମାନେ ସମସ୍ତେ ପିନ୍ଧିଥିଲେ ନୂଆ ଡ୍ରେସ୍ ଦୁହେଁ ଏକା ସାଙ୍ଗରେ "କହିଲେ.. ଆରେ ତମେ ମାନେ ଏଠି ..କେମିତି ?"

ଏହା ଶୁଣି ସୁବ୍ରତା କହିଲେ, "ଆରେ..ଆରେ..ତୁମେ ଦୁହେଁ ଏମିତି କାହିଁକି ଚମକୁଛ ? ଏମାନେ ହେଉଛନ୍ତି ମୋର ଆଜିର ଅତିଥି ।" ହଁ କରୁଣା,ଏଇ ନେ ଔଷଧ । ତୋ ପୁଅର ଜ୍ୱର ଛାଡୁନି ନା'..ମୁଁ ତାକୁ ଭଲ ଡାକ୍ତରଙ୍କୁ ଦେଖାଇ ଔଷଧ ନେଇ ଆସିଛି ଆଉ କେମିତି ଖାଇବାକୁ ହେବ ତୋ ଶାଶୁଙ୍କୁ ବୁଝାଇ ଦେଇଛି । ଆଉ ସୁଧୀର..ମୁଁ ମଉସାଙ୍କୁ ଡାକ୍ତର ଦେଖାଇ ଦେଇଛି । ଡାକ୍ତର କହିଲେ ତାଙ୍କର ଆଜମା ବାହାରିଛି । ସେଥିପାଇଁ ଏଇ ଔଷଧ ଖାଇବା ସହିତ ଏହି ସ୍ପ୍ରେକୁ ମଉସା ବ୍ୟବହାର କରିବେ ।

ବିଜୟ ଏହା ଦେଖି ଟିକେ ହତ ଚକିତ ହୋଇ ଗଲେ । ସେ ପଚାରିଲେ,ଆରେ ସୁବ୍ରତା ଏ ସବୁ କ'ଣ ?

ସୁବ୍ରତା ହସି ହସି କରୁଣାକୁ କହିଲେ, "କରୁଣା,ତୁ ମୋ ଅତିଥିମାନଙ୍କୁ ଚା ଜଳଖିଆ ଖାଇବାକୁ ଦେ । ସେମାନେ ଏଇଠି ଦିପାବଳୀ ପାଳନ କରି ଡିନର ଖାଇବେ । ଆଉ ସୁଧୀର ମୁଁ ଦୁଇଟି ଟ୍ୟାକ୍ସିର ବନ୍ଦୋବସ୍ତ କରି ଦେଇଛି । ତୁମେ ସମସ୍ତେ ଏଠି ଡିନର ଖାଇ ସାରିଲେ,ଟ୍ୟାକ୍ସି ନେଇ ତୁମକୁ ଛାଡିଦେବ । ହେଲେ ସେ ପର୍ଯ୍ୟନ୍ତ ମୋ ଅତିଥି ଯେମିତି ଏକାକୀ ପଣ ଅନୁଭବ ନକରନ୍ତି ସେ ଦାୟିତ୍ୱ ତୁମର ।

"ନିଶ୍ଚୟ ମ୍ୟାଡାମ୍ !" ହସି ହସି ସୁଧୀର ଚାଲିଲା ଅତିଥି ମାନଙ୍କ ସହ ଗପିବାକୁ ।

ନିଶ୍ଚୟ ସୁବ୍ରତାଙ୍କୁ ଖୁସିରେ କୁଣ୍ଢେଇ ପକେଇ କହିଲେ, "ଆଜି ସତରେ ତୁମକୁ ପାଇ ମୁଁ ଗର୍ବ ଅନୁଭବ କରୁଛି । ତୁମକୁ ବୁଝିବାଟା ସତରେ ବହୁତ କଷ୍ଟ । ହେଲେ ତୁମ ମୁଣ୍ଡକୁ ଏ ବୁଦ୍ଧି ଆସିଲା କେମିତି ?"

ଟିକେ ହସି ହସି ସୁବ୍ରତା କହିଲା, "ଆଜି ମୋ ଆଖି ଖୋଲିଦେଲା ବିଶ୍ୱାସ । ସତରେ ..ସେ କେତେ ବଡ ସତ କଥାଟେ ନ କହିଲା । ହଁ..କ୍ଲବ ମେମ୍ବର ସହ ଚ୍ୟାରିଟି କରି ଦୁଇ ଚାରିଟା ଫଟୋ ଉଠେଇଥିଲେ ଆମର ପବ୍ଲିସିଟି ହେଇଥାନ୍ତା ନିଶ୍ଚୟ । ହେଲେ ମୁଁ ଆଜି କରୁଣା ଆଉ ସୁଧୀର ମୁହଁରେ ନିଜ ବାପା, ମା, ପିଲା ଛୁଆଙ୍କ ସହିତ ଏମିତି ଦିପାବଳୀ ପାଳିବାରେ ଯେଉଁ ଖୁସିଟା ଦେଖିଲି ସେ ଖୁସି ଆଗରେ ମୋତେ ସବୁ ତୁଚ୍ଛ ଲାଗିଲା । ଜାଣିଛ,ମୋ ମା' ସବୁବେଳେ କହନ୍ତି,ଯଦି ଦାନ କରିବ ତେବେ ଏମିତି କରିବ ଯେମିତି ବାଁ ହାତର ଦାନ ଡାହାଣ ହାତ ଜାଣିବନି ।" ତୁମେ ବି ଠିକ୍ କହିଥିଲ । ଭଗବାନ ତ ଆମକୁ କେଉଁଥିରେ ଊଣା କରିନାହାନ୍ତି । ହେଲେ ଆମେ ଯଦି ଆମର ପ୍ରାଚୁର୍ଯ୍ୟ ଭିତରୁ କାଣିଚିଏ ବି ଖର୍ଚ୍ଚ କରି କାହା ଜୀବନରେ 'ଚେନାଏ ମୂହୁର୍ତ୍ତ ଖୁସିର' ଆଣି ପାରିବା ତେବେ ତା'ଠୁ ବଡ ଖୁସି ବୋଧ ହୁଏ ଆଉ କିଛି ନଥିବ ।

***୨୧୭/ପି,ୟୁନିଟ-୯(ଫ୍ଲାଟ)***
***ବାୟାବାବା ମଠ ଲେନ***
***ଭୁବନେଶ୍ୱର-୨୨***



### ପ୍ରେମ ପାହାଡ ନିକଟରେ ଦେଶୀ ମଦ ତିଆରି କାରଖାନା

# ଭାଟି ଯୋଗୁଁ ମାଟି ନିନ୍ଦିତ






**ରାୟଗଡା, (ଅମୂଲ୍ୟ ନିଶଙ୍କ):** ସୌନ୍ଦର୍ଯ୍ୟମୟ ପାହାଡଘେରା ପରିବେଶରେ ପରିପୂର୍ଣ୍ଣ ରାୟଗଡା ସହର। ଏଥିପାଇଁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଧାଇଁ ଆସନ୍ତି। ସହରର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କୁ ଦର୍ଶନ କରି ସାରିଲା ପରେ ସୁନ୍ଦର ଝୁଲା ପୋଲ ଓ ପ୍ରେମ ପାହାଡକୁ ବୁଲି ଆସନ୍ତି। କିନ୍ତୁ ଏଠାରେ ଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀମଦ ଭାଟି ଯୋଗୁ ପର୍ଯ୍ୟଟକମାନେ ଅସୁବିଧାରେ ପଡିବା ସହିତ ମନରେ ଘୃଣାଭାବ ନେଇ ଏଠାରୁ ଫେରନ୍ତି। ମଦଭାଟି ଯୋଗୁଁ ପ୍ରେମ ପାହାଡର ସୌନ୍ଦର୍ଯ୍ୟରେ କଳାଦାଗ ରାୟଗଡା ସହର ନିକଟସ୍ଥ ଟେକାଗୁଡା ଗ୍ରାମରେ ଅବସ୍ଥାପିତ ଥିବା ଦେଶୀ ମଦଭାଟି ଦ୍ୱାରା ପ୍ରେମ ପାହାଡର ସୌନ୍ଦର୍ଯ୍ୟରେ କଳାଦାଗ ପଡିବାକୁ ଯାଉଛି । ଏହି ପ୍ରେମ ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିଲେ ମଧ୍ୟ ଏହାର ବିକାଶ ନିମନ୍ତେ ରାଜ୍ୟ ସରକାର ୩କୋଟି ଟଙ୍କା ବ୍ୟୟ କରି ଏହି ପାହାଡର ବିକାଶ କରିବା ନିମନ୍ତେ ଆଗେଇଆସି ପାହାଡ ଚାରି ପାର୍ଶ୍ୱରେ ପାଦ ଚଲା ପର୍ଯ୍ୟଟକଙ୍କ ବସିବା ନିମନ୍ତେ ଚୌକିରେ ବ୍ୟବସ୍ଥା କରିଛନ୍ତି କିନ୍ତୁ ଏହି ପ୍ରେମ ପାହାଡକୁ ଫିକା ପକାଇଦେଇଛି । ଟେକାଗୁଡାଠାରେ ଅବସ୍ଥାପିତ ଦେଶୀମଦ ଭାଟି ଏହି ପାହାଡରେ ୨ ଗୋଟି ମହାଦେବଙ୍କ ମନ୍ଦିର ଅବସ୍ଥିତ ସହ ସମସ୍ତ ଶ୍ରଧାଳୁଙ୍କ ଭଗବାନଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି କିନ୍ତୁ ଏହି ଭାଟିରୁ ନିର୍ଗତ ଧୂଆଁ ଯୋଗୁଁ ଶ୍ରଧାଳୁ ମାନେ ଅସନ୍ତୁଷ୍ଟ ପ୍ରକାଶ କରିନ୍ତି ଏହି ପାହାଡକୁ ଲାଗି ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟ ଅବସ୍ଥିତ । ସକାଳ ଓ ସଂଧ୍ୟା ସମୟରେ ବିରଷ୍ଠ ନାଗରିକ ମାନେ ଏହି କାର୍ଯ୍ୟାଳୟକୁ ଆସି ପାହାଡ ୪ ଦିଗରେ ଭ୍ରମଣ କରିଥାନ୍ତି କିନ୍ତୁ ଏହି ମଦଭାଟିର ଦୁର୍ଗନ୍ଧ ବାଷ୍ପ ଓ ମହୁଲ ପୋଚର ଦୁର୍ଗନ୍ଧରେ ଅତିଷ୍ଟ ହୋଇପନ୍ତୁ ଏହି ଭାଟି ର ଅନ୍ୟ ପାର୍ଶରେ ସୌନ୍ଦର୍ଯ୍ୟରେ ଭରା ଝୁଲା ପୋଲ ଅବସ୍ଥାପିତ ପର୍ଯ୍ୟଟକ ମାନେ ରାୟଗଡା ସହର ଭ୍ରମଣରେ ଆସି ଝୁଲା ପୋଲ ଓ ପ୍ରେମ ପାହାଡକୁ ଆସନ୍ତି କିନ୍ତୁ ଏହି ମଦ ଭାଟିର ଦୁର୍ଗନ୍ଧ ମେ ପରିବେଶ ଯୋଗୁଁ ଆସ୍ତେ ଆସ୍ତେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି । ଠିକ ସେହି ପରି ଏହି ପାହାଡ ନିକଟରେ ୩ଟି ସ୍କୁଲ ମଧ୍ୟ ଅବସ୍ଥାତିତ ଏହିଠାରେ କୋମଳମତି ଶିଶୁମାନେ ପଢନ୍ତି ସେମାନଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡେ ଏଥି ପାଇଁ ସ୍ଥାନିୟ ଜନ ସାଧାରଣ ଦୀର୍ଘ ୫ ବର୍ଷ ଧରି ଜିଲ୍ଲା ପ୍ରଶାସନ ଠାରେ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ପ୍ରକାଶ । ଏହି ମଦ ତିଆରି ପରେ ବାହାରୁ ଥିବା ଦୁର୍ଗନ୍ଧ ପାଣି ଗ୍ରାମ ନିକଟରେ ଜମା ରହିବାଦ୍ୱାରା ନାନା ରୋଗ ମଧ୍ୟ ବ୍ୟାପି ଥାଏ । ଏସବୁ ଜାଗାରେ ପୋଚା ମହୁଲର ଗନ୍ଧ ଓ ମଦ ପାନ କରିସାରିଲା ପରେ ତାହାର ପଲିଥିନ ପାକେଟ ରାସ୍ତାରେ ବହୁ ସଂଖ୍ୟାରେ ଜମା ହେବାଦ୍ୱାରା ବିଭିନ୍ନ ପ୍ରକାର ରୋଗ ମଧ୍ୟ ବ୍ୟାପିଥାଏ । ଅନ୍ୟ ପ୍ରକାରେ ଭାଟିର ବର୍ତମାନ ମ୍ୟାନେଜର ଓ ଏକ କର୍ମଚାରୀ ଗୋପୀଙ୍କର ବ୍ୟବହାର ଓ ଦାଦାଗିରି ଓ ଭାଟି ମ୍ୟାନେଜର କୁହନ୍ତି ଆମେ ସମସ୍ତ ସରକାରୀ କର୍ମଚାରୀ ଅଧିକାରୀ ରାଜନେତାମାନଙ୍କୁ ମାସିକ ଚାନ୍ଦା ଦେଉଛୁ ଆମରି କିଛି କେହି କରିପାରିବେ ନାହିଁ ବୋଲି କହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି ତଥାପି କର୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ପ୍ରକାଶ । ଏହି ଭାଟି ଏହିଠାରୁ ସବର ବହୁ ଦୁରକୁ ସ୍ଥାନାନ୍ତର କରିବା ନିମନ୍ତେ ଜନ ସାଧାରଣ ଜିଲ୍ଲା ପ୍ରଶାସନଠାରେ ଦାବି କରିଛନ୍ତି କିନ୍ତୁ ଜିଲ୍ଲା ପ୍ରଶାସନ ନିଦାବିଷ୍ଟୁ ସାଜି ଚୁପ ବସିଛନ୍ତି । କ୍ୟାମେରା ସାମନାରେ କିଛି କହିବା ନିମନ୍ତେ ଅନିଚ୍ଛା ପ୍ରକାଶ କରନ୍ତି ଏହି ପ୍ରେମ ପାହାଡର ସୌନ୍ଦର୍ଯ୍ୟକରଣ ନିମନ୍ତେ ମଦ ଭାଟି ଉଠାଇବା ନିହାତି ଆବଶ୍ୟକ ବୋଲି ବହୁ ଜନସାଧାରଣ ରାଜନେତା ମତ ଦେଉଛନ୍ତି କେବଳ ଏହି ଭାଟିରୁ ବାର୍ଷିକ ପ୍ରାୟ ୨ କୋଟି ୮୮ ଲକ୍ଷ ଟଙ୍କାର ରାଜସ୍ୱ ମିଳୁଛି, ସେଥିପାଇଁ ରାଜସ୍ୱ ବିଭାଗ କିମ୍ବା ଅବକାରୀ ବିଭାଗ ଏହି ମଦଭାଟି ଉଠାଇବା ନିମନ୍ତେ ଇଚ୍ଛା ପ୍ରକାଶ କରୁନଥିବା ଜଣାପଡୁଛି । ଏହି ଠାରେ ମଦ୍ୟପୀଙ୍କ ସଂଖ୍ୟା ବଢିବାରେ ଲାଗିଛି ଓ ସେମାନଙ୍କରର ଦୌରାତ୍ମ ଯୋଗୁଁ ମହିଳା ମାନେ ସେହି ରାସ୍ତାଦେଇ ଯାଇପାରନ୍ତି ନାହିଁ ଏହି ଭାଟି ନିକଟ ଦେଇ ମୁଖ୍ୟ ରାସ୍ତା ଯାଇଛି ଏହି ରାସ୍ତାରେ ଶତାଧିକ ଯାତ୍ରୀ ଯିବା ଆସିବା କରନ୍ତି କିନ୍ତୁ ନିଜକୁ ନିରାପଦ ମଣୁନାହାନ୍ତି । ମଦ ପାଉଚର ଜରି ଖୋଳ ରାସ୍ତା କଡରେ ପଡିରହୁଥିବାରୁ ଅଂଚଳର ପରିବେଶ ଦୂଷିତ ହୁଏ ମାତ୍ର ଏହା ଉପରେ ରାଜ୍ୟ ପ୍ରଦୂଷଣ ବିଭାଗର ନଜର ନାହିଁ ଖବର ଦେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ଏହି ଭାଟି ର କିଛି କେସ୍ ହାଇକୋର୍ଟରେ ବିଚାରଧୀନ ଥିବାରୁ କିଛି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ ବୋଲି ବିଭାଗୀୟ ଅଧିକାରୀ ପ୍ରଶାନ୍ତ କର ମତ ଦେଇଛନ୍ତି ଏହି ଭାଟି ଏକ ନିରୀହ ଆଦିବାସୀଙ୍କ ଜମିରେ ଭାଟି ତିଆରି କରିଛନ୍ତି ଓ ଏହି ଭାଟିର କର୍ମଚାରୀମନଙ୍କ ଦାଦାଗିରି ଯୋଗୁଁ ଏହି ଗ୍ରାମ ଟେକାଗୁଡା ଲୋକମାନେ ମଧ୍ୟ ଭୟରେ କିଛି କହିପାରୁନଥିବା ଜଣାପଡିଛି । ଏହିଠାରେ ଥିବା କର୍ମଚାରୀମାନେ ସମସ୍ତେ ବିହାର ପ୍ରଦେଶର ସେମାନଙ୍କୁ ସ୍ଥାନୀୟ ଏକ କର୍ମଚାରୀ ଗୋପି ସେମାନଙ୍କୁ ଦାଦାଗିରି କରିବା ନିମନ୍ତେ ପ୍ରଶ୍ରୟ ଦେଉଥିବା ଜଣାପଡିଛି । ଏହିଠାରେ ପ୍ରତ୍ୟେକ ଦିନ ଜନଗହଳି ଲାଗି ରହୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସହିତ ପ୍ରେମ ପାହାଡର ବିକାଶ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହି ଦେଶୀ ମଦଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନିମନ୍ତେ ଜନସାଧାରଣ ଦାବି କରଛନ୍ତି ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି

# ସୋନପୁରରେ ସରକାରୀ କାର୍ଯ୍ୟାଳୟ ବନ୍ଦ

**ସୋନପୁର :** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ପୁଣି ତେଜିଛି । ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ପକ୍ଷରୁ ଜିଲା ସଦର ମହକୁମା ସମେତ ଜିଲା ସମସ୍ତ ବ୍ଲକ ଅଞ୍ଚଳରେ ଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଆଗରେ ଆଇନଜୀବୀମାନେ ପିକେଟିଂ କରି ବନ୍ଦ କରି ଦେବା ସହ ଏଠାରେ ଥିବା ସମସ୍ତ ବ୍ୟାଙ୍କ ଓ ପୋଷ୍ଟ ଅଫିସ ମଧ୍ୟ ବନ୍ଦ କରିଛନ୍ତି । ଏପରିକି ଜିଲା ଓକିଲ ସଂଘ ସମେତ ବୀରମହାରାଜପୁର, ଡୁଙ୍ଗୁରିଲି, ରାମପୁର, ବିନିକା ଓ ତରଭା ଓକିଲ ସଂଘମାନେ ମଧ୍ୟ ଏଥିରେ ସାମିଲ ହୋଇ ଜିଲାରେ ଥିବା ସମସ୍ତ ଆଇନ ଅଦାଲତ ଆଗରେ ପିକେଟିଂ କରି ସେସବୁକୁ ମଧ୍ୟ ଅଚଳ କରି ଦେଇଥିବା ସୂଚନା ମିଳିଛି। ତେବେ ଜିଲା ଓକିଲ ସଂଘର ନିଷ୍ପତ୍ତି ଅନୁଯାୟୀ, ୩୦ ତାରିଖ ପର୍ଯ୍ୟନ୍ତ ଏଠାରେ ଥିବା ସିଭିଲ କୋର୍ଟ ଫାଟକ ଆଗରେ ଆଇନଜୀବୀଙ୍କ ପିକେଟିଂ କରି ବିଭିନ୍ନ କାର୍ଯ୍ୟାଳୟ ବନ୍ଦ କରି ଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ, ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲ, ଗୋପାଳକୃଷ୍ଣ ମିଶ୍ର, ଅଟଳ ବିହାରୀ ମହାପାତ୍ର, ବ୍ୟୋମକେଶ ଦାସ, ବାବୁଲାଲ ଦାସ, ସତ୍ୟନାରାୟଣ ମିଶ୍ର, ମଧୁସୁଦନ ପ୍ରଧାନ, ଦଶରଥ ମାହାଣା, ବିନ ବିହାରୀ ମହାକୁଡ, ପ୍ରକାଶ ମିଶ୍ର, ସାନନ୍ଦ ବିହାରୀ ମହାପାତ୍ର, ସ୍ୱାଧୀନ ମେହେର, ରାଜକିଶୋର ମିଶ୍ର ପ୍ରମୁଖ ସିଭିଲ କୋର୍ଟ ଫାଟକ ଆଗରେ ପିକେଟିଂ କରିଥିଲେ । ଫଳରେ ଜିଲା ଓ ଦୌରା ଜଜ୍ ରାଜକୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଦନଲାଲ କେଡିଆ, ବରିଷ୍ଠ ଦେୱାନୀ ଜଜ୍ ସନ୍ଧି ପଟ୍ଟନାୟକ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୁନିତା ପଟ୍ଟନାୟକ, ଏସଡିଜେଏମ୍ ସୁକାନ୍ତ କିଶୋର ଜେନା ପ୍ରମୁଖଙ୍କ ସହ ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନେ କୋର୍ଟ ଭିତରକୁ ନଯାଇ ଫେରିଯାଇଥିଲେ। ସେହିରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଆଗରେ ପ୍ରମୋଦ ମହାପାତ୍ର, ବଳଦେବ ବେଦବାକ, ରାଜେନ୍ଦ୍ର ନାଏକ, ଆଦିକନ୍ଦ ପାଣିଗ୍ରାହୀ, ସନ୍ତୋଷ ମେହେର, ଭଗବତୀ ପ୍ରସାଦ ମିଶ୍ର, ବିନ ବିହାରୀ ବିଦ୍ୟାଧର, ପ୍ରଫୁଲ୍ଲ ସାହୁ, ବଳରାମ ପଟ୍ଟନାୟକ, ଦେବେନ୍ଦ୍ର ପର୍ଡିଆ, ଜିତେନ୍ଦ୍ର ପଟ୍ଟନାୟକ, ଅଜିତ ବାରିକ, ପ୍ରଫୁଲ୍ଲ ମେହେର, ବ୍ରଜେନ୍ଦ୍ର ବିଶି, ଭାସ୍କର ଦାସ ପ୍ରମୁଖ ପିକେଟିଂ କରିଥିଲେ।

## ଓଡ଼ିଆ ଯୁବ ସାମ୍ବାଦିକଙ୍କୁ 'ଇଣ୍ଡିଆନ୍ ୟୁଥ୍ ଆଇକନ୍' ସମ୍ମାନ



**ଭୁବନେଶ୍ୱର :** ଇଣ୍ଡିଆନ୍ କାଉଂସିଲ ଅଫ୍ ପ୍ରେସ୍ ମିଡ଼ିଆ ସ୍ୟାଟେଲାଇଟ୍ ବୋର୍ଡ଼କାଷ୍ଟିଙ୍ଗ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଆ ଯୁବ ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ଇଣ୍ଡିଆନ୍ ୟୁଥ୍ ଆଇକନ୍ ସମ୍ମାନ ପ୍ରଦାନ କରାଯାଇଛି। କୋଲକତାଠାରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସଂସ୍ଥାର ଅଧ୍ୟକ୍ଷ ଜଗଦିଶ ଯାଦବ। ଏଥିରେ ବହୁ ବରିଷ୍ଠ ସାମ୍ବାଦିକ ଓ ମୁରବି ଉପସ୍ଥିତ କହି ଗଣମାଧ୍ୟମରେ ଦେଖା ଯାଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ସାହୁଙ୍କୁ ଏହି ଅବସରରେ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱକପ୍ ହକି ପାଇଁ ...

ବିଦେଶୀ ଖେଳାଳିଙ୍କ ଗସ୍ତ ସାଙ୍ଗକୁ ପର୍ଯ୍ୟଟକମାନଙ୍କ ଧାଡି ଛୁଟିଛି। ସାରା ବିଶ୍ୱ ଆଗରେ ନିଜର ନିଆରା ଛାପ ଛାଡିବା ପାଇଁ ସବୁ ପ୍ରକାର ଉଦ୍ୟମ କରିଛି ଓଡ଼ିଶା। ଏହି ଅବସରରେ ମାଷ୍ଟର କ୍ୟାଣ୍ଟିନ, ଶିଶୁଭବନ ଛକ, ରାଜମହଲ ଛକରେ ପାର୍କ ଏବଂ ରଙ୍ଗୀନ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ସେଲଫି ନେବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଖେଳାଳୀ ମାନଙ୍କ ରୁଟରେ ଟ୍ରାଫିକ ବ୍ୟବସ୍ଥାକୁ କଟକଣା କରାଯାଇଛି। ଦିନକୁ ଦିନ ଯୋଡ଼ି ହେଉଛି ନୂଆ ନୂଆ କାର୍ଯ୍ୟକ୍ରମର ତାଲିକା। ହକିପ୍ରେମୀ ତଥା ଭୁବନେଶ୍ୱରକୁ ଆସିଥିବା ପର୍ଯ୍ୟଟକମାନେ ଓଡ଼ିଶା ଖାଦ୍ୟର ସ୍ୱାଦ ଚାଖିବା ସହିତ ବଲିଉଡ଼ର ନାମୀଦାମୀ କଳାକାରଙ୍କ ଜଲୱା ଦେଖିବାକୁ ପାଇବେ। ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଠୁଳ ହେବେ ବଲିଉଡ୍‌ର ଦୀଗଜ କଳାକାର। ଶଙ୍କର ମହାଦେବନଙ୍କଠାରୁ ଆରମ୍ଭ କରି ଶାନ୍, ଫରହାନ୍ ଅଖତାର, ଶ୍ରେୟା ଘୋଷାଲ, ସୋନା ମହାପାତ୍ର, କ୍ରିଷ୍ଣା ବେଉରା, ଋତୁରାଜ ମହାନ୍ତିଙ୍କ ସମେତ ବଲିଉଡ଼ର ବହୁ କଳାକାରଙ୍କ ସମାଗମ ହେବ। ଡିସେମ୍ବର ୧ରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ଦର୍ଶକ ଏହି କଳାକାରମାନଙ୍କ ସହିତ ଝୁମିବେ। ଅନ୍ୟପକ୍ଷରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ମଧ୍ୟ ଏହି କାର୍ଯ୍ୟକ୍ରମରେ ନିଜର ଡ୍ୟାନ୍ସ ଦ୍ୱାରା "ଚକ୍ ଦେ ଓଡ଼ିଶା" ବିଷୟବସ୍ତୁରେ କମାଲ୍ କରିବେ। ମର୍ଡନ୍ ଡ୍ୟାନ୍ସ ଓ ସଙ୍ଗୀତ ବ୍ୟତୀତ ବିଭିନ୍ନ ସନ୍ଧ୍ୟାରେ ଭାରତର ଲୋକନୃତ୍ୟ ମଧ୍ୟ ପରିବେଷିତ ହେବ। ଛଉ, ସମ୍ବଲପୁରୀ, ବିହୁ, ଗୋଟିପୁଅ ଭଳି ନୃତ୍ୟ ସହିତ କେରଳର କଳାରିପୟାଟୁ ଓ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ମଧ୍ୟ ଏହି ସନ୍ଧ୍ୟାରେ ବିଦେଶୀ ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବେ। ଏହି କାର୍ଯ୍ୟକ୍ରମ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଆନ୍ତର୍ଜାତିକ ଖାଦ୍ୟମେଳାର ଏକ ଅଂଶ ହେବ।

## 'ଲୋକଙ୍କୁ ଅଳସୁଆ ...

ଚାଉଳ ପାଇବା ପାଇଁ ହକ୍‌ଦାର। ବିପିଏଲ୍ ପରିବାରଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ସର୍ଭେ ହୋଇଥିଲା କି ନାହିଁ, ସରକାର ଏ ସମ୍ପର୍କରେ ରିପୋର୍ଟ ଦେବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁରେ କେତେ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି, ଯଦି ସେମାନଙ୍କୁ କେବଳ ମାଗଣାରେ ଚାଉଳ ଦିଆଯାଏ ତେବେ କେତେ ଚାଉଳ ଆବଶ୍ୟକ ହେବ ଏବଂ ଏ ବାବଦରେ କେତେ ଟଙ୍କା ଖର୍ଚ୍ଚ ହେବ, କୋର୍ଟଙ୍କୁ ତା'ର ରିପୋର୍ଟ ଦେବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ରାଜ୍ୟ ଆଡ୍‌ଭୋକେଟ୍ ଜେନେରାଲ ବିଜୟ ନାରାୟଣନ କହିଛନ୍ତି, ଏହି ଯୋଜନାକୁ ସଂଶୋଧନ କରିବାକୁ ହେଲେ ସମୟ ଦରକାର। ତେବେ ଖଣ୍ଡପୀଠ କହିଛନ୍ତି ଯେ, ଯେଉଁମାନେ ଏହି ଚାଉଳ ପାଇବାକୁ ହକ୍‌ଦାର ସେମାନଙ୍କୁ ମିଳୁ।

## ଆମର ଲକ୍ଷ୍ୟ ...

ନଗର ଗ୍ୟାସ୍ ବିତରଣ ପ୍ରକଳ୍ପ ପାଇଁ ଦଶମ ବିଡିଂ ରାଉଣ୍ଡ ଅଧୀନରେ ୪୦୦ରୁ ଅଧିକ ଜିଲ୍ଲା କଭର କରାଯିବ, ଯାହାଦ୍ୱାରା ୭୦ ପ୍ରତିଶତ ଜନସଂଖ୍ୟା ଏହା ପରିସରକୁ ଆସିବେ। ବର୍ତ୍ତମାନ ଦେଶ ଗ୍ୟାସ ଆଧାରିତ ଅର୍ଥବ୍ୟବସ୍ଥା ଆଡ଼କୁ ଗତି କରୁଛି। ବିଶେଷକରି ଏଲ୍‌ଏନ୍‌ଜି ଟର୍ମିନାଲ ସଂଖ୍ୟାରେ ବୃଦ୍ଧି, ଦେଶବ୍ୟାପୀ ଏକକ ଗ୍ୟାସ ଗ୍ରୀଡ୍ ସ୍ଥାପନ ଏବଂ ନଗର ଗ୍ୟାସ୍ ବିତରଣ ନେଟୱର୍କର ଶୁଭାରମ୍ଭ କରାଯାଇଛି। ସେ କହିଥିଲେ, ସ୍ୱଚ୍ଛ ଇନ୍ଧନ ଉତ୍ପାଦନ ଦିଗରେ କେନ୍ଦ୍ର ସରକାରଙ୍କ ବ୍ୟାପକ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ସ୍ୱଚ୍ଛ ଇନ୍ଧନ ପ୍ରୟାସ; ଯେପରିକି ଇଥାନଲ ମିଶ୍ରଣ, ୧୨ଟି ଜୈବ ରିଫାଇନାରୀ ପ୍ରତିଷ୍ଠା, କମ୍ପ୍ରେସଡ ଜୈବ ଗ୍ୟାସ ପ୍ଲାଣ୍ଟ, ପରିବର୍ଦ୍ଧିତ ଏଲପିଜି କଭରେଜ ଏବଂ ମୋଟର ଗାଡ଼ି ପାଇଁ ଆଗାମୀ ପିଢ଼ିର ବିଏସ୍-୬ ଇନ୍ଧନର ପ୍ରଚଳନ ଆଦି ବିଷୟରେ ଉଲ୍ଲେଖ କରିଥିଲେ। ଗତ ଚାରିବର୍ଷ ମଧ୍ୟରେ ୧୨ କୋଟି ଏଲପିଜି ସଂଯୋଗ ଯୋଗାଇ ଦିଆଯାଇଛି। ସହରଗୁଡ଼ିକରେ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟ ନେଇ ପାଇପ୍ ଲାଇନ ଜରିଆରେ ଗ୍ୟାସ ସଂଯୋଗ ପରିମାଣ ଆଗାମୀ ୨୦୨୨ ସୁଦ୍ଧା ୨ କୋଟିକୁ ବୃଦ୍ଧି ଲାଗି ଉଦ୍ୟମ ହେଉଛି। ଏହି ସମାରୋହରେ ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ପ୍ରମୁଖ ଯୋଗ ଦେଇଥିଲେ।

## ଦାମଙ୍କ ନୂଆ ଦଳ ...

ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀଙ୍କ ପାଖରେ ସମସ୍ତ କ୍ଷମତା ରହିଛି। ଆଉ ସେମାନଙ୍କ ପ୍ରରୋଚନାରେ ରାଜ୍ୟରେ ଶାସନ ଚାଲିଛି। ଖଣି, ପାଣି, ଡାଲି ଠାରୁ ଆରମ୍ଭ କରି ସମବାୟ ଦୁର୍ନୀତି ରାଜ୍ୟର ବିକାଶ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିଛି। କିନ୍ତୁ ସରକାର ମିଛ ପରେ ମିଛ କହିଚାଲିଛନ୍ତି ବୋଲି ଦାମ ଅଭିଯୋଗ କରିଛନ୍ତି। ମୁଁ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ପଦାକୁ ଆଣିଥିଲି। ସେଥିପାଇଁ ଦଳରୁ ମୋତେ ତଡ଼ି ଦିଆଗଲା। ବିଧାନସଭାରେ ମନ୍ତ୍ରୀ ଦୁର୍ନୀତି ହୋଇଥିବା କଥା ସ୍ୱୀକାର କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ହାସ୍ୟାସ୍ପଦ ବୋଲି କହୁଛନ୍ତି। ଯାହା ନବୀନଙ୍କ ପ୍ରକୃତ ଚରିତ୍ର, ନୀତି ଏବଂ ତାଙ୍କ ଅହଂଭାବକୁ ପ୍ରଦର୍ଶୀତ କରୁଛି ବୋଲି ଦାମ କହିଛନ୍ତି। ନବୀନଙ୍କ ଶାସନ ପତନର ବେଳ ଉପନୀତ ହେଲାଣି। ପରିସଂଖ୍ୟାନର ଯାଦୁରେ ବର୍ତ୍ତମାନ ଓଡ଼ିଶାର ବିକାଶ ଚାଲିଛି ବୋଲି ଦାମ ସରକାରଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଏବେ ଲୋକ ବିଜେଡ଼ି ସରକାରର ବିକଳ୍ପ ଖୋଜିଲେଣି। ରାଜ୍ୟବାସୀଙ୍କ ହିତକୁ ଚରିତାର୍ଥ କରିବା ସହ ଏକ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ତଥା ଶାନ୍ତିପୂର୍ଣ୍ଣ ଶାସନ ଦେବା ପାଇଁ ବିଜୁ ସମତାକ୍ରାନ୍ତି ଦଳ ଆଗାମୀ ଦିନ ପାଇଁ ଶ୍ରେଷ୍ଠ ଏବଂ ଆଦର୍ଶ ବିକଳ୍ପ ବୋଲି ଦାମ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ଦାମ ସମସ୍ତ ସମଭାପାପନ୍ନ ଦଳଙ୍କୁ ତାଙ୍କୁ ସାହାଯ୍ୟ ଏବଂ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ସମତାକ୍ରାନ୍ତି ଦଳର ସଭାପତି ତଥା ପୁରୀର ପୂର୍ବତନ ସାଂସଦ ବ୍ରଜକିଶୋର ତ୍ରିପାଠୀ ନୂତନ ଭାବେ ଗଠିତ ହୋଇଥିବା ଦଳ ଦାମବାବୁଙ୍କ ନେତୃତ୍ୱରେ ନିର୍ବାଚନକୁ ଓହ୍ଲାଇବା ନେଇ ସ୍ପଷ୍ଟ କରିଛନ୍ତି। ଓଡ଼ିଶା ରାଜନୀତିରେ ଦାମବାବୁ ଜଣେ ପରିଚିତ ତଥା ଲୋକପ୍ରିୟ ଚେହେରା। ତେଣୁ ଦଳପକ୍ଷରୁ ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ନିର୍ବାଚନ କମିଶନଙ୍କ ନିକଟରେ ନୂଆ ଦଳକୁ ଅନୁମୋଦନ କରିବା ପାଇଁ ଆବେଦନ କରାଯାଇଛି। ସେଠାରୁ ପଞ୍ଜୀକରଣ ସମ୍ପର୍କିତ ଅନୁମତି ମିଳିଗଲେ ଦଳ ତାହାର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ ବୋଲି ବ୍ରଜ ସ୍ପଷ୍ଟ କରିଛନ୍ତି।

## ୧୦ ହଜାରରୁ ଅଧିକ ...

ଯୋଜନାର ନିୟମାବଳୀ ଅନ୍ତର୍ଭୁକ୍ତ। ଏଥିରୁ ପିଏମ୍‌ଜିଏସ୍‌ୱାଇ ଓ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ତିଆରି ହୋଇଥିବା ରାସ୍ତାକୁ ହିସାବକୁ ନେବା ପରେ ଆଉ ୨୧୩୫ଟି ଗ୍ରାମର ସଂଯୋଗୀକରଣ ପାଇଁ କାର୍ଯ୍ୟ ଚାଲିଛି ଏବଂ ଚଳିତ ଆର୍ଥିକ ବର୍ଷରେ ଆଉ ୨୩୩ଟି ଗାଁକୁ ସଂଯୋଗ କରିବା ପାଇଁ ଯୋଜନା ଅଛି। ବାକି ୨୬୨ଟି ଗାଁକୁ ବିଭିନ୍ନ କାରଣ ଯୋଗୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇପାରିନାହିଁ। ତେବେ ପଂଚାୟତିରାଜ ବିଭାଗ ନିକଟରେ ରାଜ୍ୟରେ ସବୁଦିନିଆ ସଡ଼କ ସଂଯୋଗ ନଥିବା ଗ୍ରାମ ସଂଖ୍ୟା କିନ୍ତୁ ଭିନ୍ନ। ଚଳିତ ବର୍ଷର ସରକାରୀ ଡାଏରୀରେ ଦର୍ଶାଯାଇଛି ଯେ ଓଡ଼ିଶାରେ ଗ୍ରାମ ସଂଖ୍ୟା ୫୧,୬୮୧। ସ୍ୱାସ୍ଥ୍ୟ ବିଭାଗର ଖବର ଅନୁଯାୟୀ ରାଜ୍ୟର ୭୩୩୨ଟି ଗାଁକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ଏହି ଗାଁଗୁଡ଼ିକୁ ଅପହଂଚ ଇଲାକା ଭାବେ ଚିହ୍ନଟ କରାଯାଇଛି। ଏଥିମଧ୍ୟରେ ସର୍ବାଧିକ ୯୯୮ଟି କୋରାପୁଟ ଜିଲ୍ଲାରେ ଥିବା ବେଳେ ୯୧୪ଟି ରହିଛି କନ୍ଧମାଳ ଜିଲ୍ଲାରେ। ରାୟଗଡ଼ା ଜିଲ୍ଲାରେ ୮୧୭ଟି ଅପହଂଚ ଗାଁ ଥିବା କଥା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ କହୁଛି। ଏହାଛଡ଼ା ଗଜପତି ଜିଲ୍ଲାରେ ୫୮୩ଟି, କଳାହାଣ୍ଡିରେ ୫୩୫ଟି, ମାଲକାନଗିରିରେ ୫୬୧ଟି, ଗଞ୍ଜାମରେ ୪୮୩ଟି, ମୟୂରଭଞ୍ଜରେ ୩୨୯ଟି, ନବରଙ୍ଗପୁରରେ ୩୭୫ଟି, ନୟାଗଡ଼ରେ ୩୬୯ ଓ ସୁନ୍ଦରଗଡ଼ ଜିଲ୍ଲାରେ ୨୧୦ଟି ଅପହଞ୍ଚ ଗାଁ ରହିଛି। ଅନ୍ୟ ସବୁ ଜିଲ୍ଲାରେ ଅପହଞ୍ଚ ଗାଁ ସଂଖ୍ୟା ୨୦୦ରୁ କମ୍ କରି ଅଛି। ଏହି ଅପହଞ୍ଚ ଇଲାକାଗୁଡ଼ିକୁ ଆମ୍ବୁଲାନ୍ସ ଯାଇପାରୁନଥିବାରୁ ସେଗୁଡ଼ିକୁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣା ଯୋଜନାରେ ସାମିଲ କରି ଗର୍ଭବତୀ ମହିଳାମାନଙ୍କୁ ଡାକ୍ତରଖାନାରେ ପ୍ରସବ ନିମିତ ଆଣିବା ପାଇଁ ହଜାରେ ଟଙ୍କା କରି ଆର୍ଥିକ ସହାୟତା ସହିତ ଜିଟିଏସ୍ ୟୁନାଇଟେଡ୍ ଫଣ୍ଡରୁ ଅଗ୍ରୀମ ଦେବାର ବ୍ୟବସ୍ଥା କରିଛି। ବାଇକ୍ ଆମ୍ବୁଲାନ୍ସ ମଧ୍ୟ ସମ୍ପୃକ୍ତ ଅଂଚଳରେ ପ୍ରଚଳନ ପାଇଁ ବ୍ୟବସ୍ଥା ହୋଇଛି। ଗତ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣା ଯୋଜନାରେ ୪୫ କୋଟି ଟଙ୍କା ବ୍ୟୟ କରିଥିବା ବିଭାଗୀୟ ମନ୍ତ୍ରୀ ବିଧାୟକ ଶ୍ରୀ ରାୟଙ୍କ ପ୍ରଶ୍ନର ଉତରରେ ସୂଚାଇଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏ ପର୍ଯ୍ୟନ୍ତ ୨୦,୮୯୨ କୋଟି ଟଙ୍କା ବିନିଯୋଗରେ ୧୨,୨୯୨ଟି ରାସ୍ତା ଓ ୪୪୧ଟି ସେତୁର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୪୭୬୬ କୋଟି ଟଙ୍କା ବ୍ୟୟ ବରାଦରେ ଆଉ ୩୩୧୯ଟି ରାସ୍ତା ଓ ୨୫୫ଟି ସେତୁର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବିଭାଗୀୟ ମନ୍ତ୍ରୀ ଶ୍ରୀ ଆରୁଖ ବିଧାୟକ ଶ୍ରୀ ରାୟଙ୍କୁ କହିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆରମ୍ଭରୁ ଏଯାବତ୍ ରାଜ୍ୟରେ ୬୨୦ କୋଟି ଟଙ୍କା ବ୍ୟୟରେ ୩୮୪ଟି ରାସ୍ତା ନିର୍ମିତ ହୋଇଥିବା ବେଳେ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳରେ ଆଉ ୩୪୯ଟି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୀମିତ ସମୟ ମଧ୍ୟରେ ରାଜ୍ୟର ସମସ୍ତ ଗାଁକୁ ସବୁଦିନିଆ ସଡ଼କ ବ୍ୟବସ୍ଥା କରିବାକୁ ବିଧାୟକ ଶ୍ରୀ ରାୟ ଏକ ବିବୃତିରେ ଦୃଢ଼ ଦାବି କରିଛନ୍ତି।

## ବିରୋଧୀ କହିଲେ ...

ସଂରକ୍ଷଣ କରି ରାଜନୈତିକ ନିଷ୍ପତ୍ତି ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ପଞ୍ଚାୟତରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ୫୦%କୁ ବୃଦ୍ଧି କରିଛନ୍ତି। ୨୦୦୧ରେ ଆରମ୍ଭ ହୋଇଥିବା ମିଶନ ଶକ୍ତି କାର୍ଯ୍ୟକ୍ରମରେ ବର୍ତ୍ତମାନ ୭୦ ଲକ୍ଷ ମହିଳା ଓ ୬ ଲକ୍ଷ ଗୋଷ୍ଠୀ ଅଛନ୍ତି। ଦେଶର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣ ଅନୁଷ୍ଠାନରେ ମା' ଓ ଭଉଣୀମାନଙ୍କୁ ଭୂମିକା ନିର୍ବାହ କରିବାକୁ ସୁଯୋଗ ଦେଲେ ନୂଆ ଓଡ଼ିଶା ଅଧିକ ଗତିର ସହ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରସ୍ତାବକୁ ସମର୍ଥନ କରିବା ସହ ସର୍ବସମ୍ମତ ଭାବେ ଗୃହୀତ କରିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଥିଲେ, ଏହି ପ୍ରସ୍ତାବକୁ ସେ ସମର୍ଥନ କରୁଛନ୍ତି। କିନ୍ତୁ ଏହା ଆସନ୍ତା ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଭେଳିକି। ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। 'ମାଆକୁ ସମ୍ମାନ ଓ ଗାଁକୁ କାମ' କେବଳ ସ୍ଲୋଗାନ୍‌ରେ ରହିଛି। କେନ୍ଦ୍ର ଅନୁମତି ନଦେଲେ ବିଜେଡି ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେବ କି ବୋଲି ଶ୍ରୀ ବାହିନୀପତି ପ୍ରଶ୍ନ କରିଥିଲେ। ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟ ସରକାରଙ୍କର ଏହା ଐତିହାସିକ ପଦକ୍ଷେପ। ବିଜୁବାବୁ ମହିଳା ସଶକ୍ତୀକରଣର ପ୍ରତୀକ ଥିଲେ। ବର୍ତ୍ତମାନ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ମିଳିଲେ ଏଥିରେ ବିଭିନ୍ନ ବର୍ଗର ମହିଳାଙ୍କୁ ସୁଯୋଗ ମିଳିବ। ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ କହିଥିଲେ, ପ୍ରସ୍ତାବକୁ ସମର୍ଥନ କରୁଥିଲେ ମଧ୍ୟ ରାଜ୍ୟ ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ଏହି ଶେଷ ଅଧିବେଶନରେ ଏହି ପ୍ରସ୍ତାବ ଆଣିଥିବାରୁ ଏହାର କାର୍ଯ୍ୟକାରିତା ନେଇ ସନ୍ଦେହ ରହିଛି। କେନ୍ଦ୍ରରେ ମହିଳା ବିଲ୍ ଲୋକସଭାରେ ଗୃହୀତ ହୋଇଥିଲେ ମଧ୍ୟ ରାଜ୍ୟସଭାରେ ଗୃହୀତ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ଏହି ବିଲ୍ ୨୦୧୯ ନିର୍ବାଚନରେ ଲାଗୁ ହେବାର କୌଣସି ସମ୍ଭାବନା ନାହିଁ। ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଥିଲେ, ମହିଳା ସଶକ୍ତୀକରଣ ଦିଗରେ ଏହା ଏକ ଅନନ୍ୟ ବ୍ୟବସ୍ଥା। ଜନସଂଖ୍ୟାର ୫୦% ସଶକ୍ତ ହେଲେ ସାମାଜିକ ବ୍ୟବସ୍ଥା ସଶକ୍ତ ହେବ। ଏହି ଆଲୋଚନାରେ ବିଧାୟକ ପଦ୍ମନାଭ ବେହେରା, ମହେଶ ସାହୁ, ପ୍ରଦୀପ ପୁରୋହିତ, ରବି ନାଏକ, ବେଦପ୍ରକାଶ ଅଗ୍ରୱାଲ୍, ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଗୃହରେ ଉପସ୍ଥିତ ଥିବା ସଦସ୍ୟମାନେ ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ସମର୍ଥନ ଜଣାଇବାରୁ ତାହା ଗୃହୀତ ହୋଇଥିଲା।

## ମହିଳାଙ୍କ ପାଇଁ ...

ମନ୍ତ୍ରୀ ପରିଷଦରେ ମୋଟ ଦୁଇ ଜଣ ମହିଳାଙ୍କୁ କାହିଁକି ସାମିଲ କରାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ମହିଳା ମନ୍ତ୍ରୀ ଦ୍ୱୟଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭରସା କରି ଗୁରୁତ୍ୱପୂର୍ଣ ବିଭାଗ ଦେଇ ନାହାନ୍ତି। ଏହା ନବୀନ ପଟ୍ଟନାୟକଙ୍କ ମାନସିକତାକୁ ସ୍ପଷ୍ଟ କରୁଛି। ଲୋକସଭା ଓ ବିଧାନସଭାରେ ବିଜୁ ଜନତା ଦଳ କେବେ ୩୩ ପ୍ରତିଶତ ପ୍ରାର୍ଥୀ ମହିଳା ମାନଙ୍କୁ କରାଇଛି ବୋଲି ଶ୍ରୀ ପୁରୋହିତ ପ୍ରଶ୍ନ କରିଛନ୍ତି। ଶ୍ରୀ ପୁରୋହିତ କହିଛନ୍ତି ଯେ ୨୦୦୦ ମସିହାରେ ୮୪ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଦେଇଥିବା ବେଳେ ସେଥିରୁ ୯ ଜଣ ଥିଲେ ମହିଳା ପ୍ରାର୍ଥୀ। ୨୦୦୪ରେ ଏହି ପ୍ରାର୍ଥୀ ସଂଖ୍ୟା ସବୁଠୁ କମ୍ ୪ରେ ପହଞ୍ଚିଥିଲା। ୨୦୧୪ରେ ୧୫ ମହିଳା ପ୍ରାର୍ଥୀ ଥିବା ବେଳେ ୨୦୦୯ରେ ଥିଲା ୮ ଜଣ। ମହିଳା ପ୍ରାର୍ଥୀଙ୍କ ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଓ ପ୍ରତିବଦ୍ଧତା ଭିତରେ କଣ ଫରକ ଅଛି ତାହା ବେଶ ଅନୁମେୟ। ଓଡ଼ିଶାର ଲୋକସଭା ନିର୍ବାଚନରେ ୨୦୦୯ ମସିହାରେ ଜଣେ ବି ମହିଳା ପ୍ରାର୍ଥୀ ଦେଇ ନ ଥିଲା। ୨୦୧୪ରେ ୩ ଜଣ ଓ ୨୦୦୪ରେ ୨ ଜଣ ମହିଳା ପ୍ରାର୍ଥୀ ଦେବା ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି କି ପ୍ରତିବଦ୍ଧତା ବୋଲି ଶ୍ରୀ ପୁରୋହିତ କହିଛନ୍ତି। ଶ୍ରୀ ପୁରୋହିତ କହିଛନ୍ତି ଯେ, ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ନବୀନ ଶାସନରେ ମହିଳା ଅସୁରକ୍ଷିତ ହୋଇ ପଡିଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ମହିଳା ବିରୋଧୀ ହିଂସାରେ ଓଡିଶା ଦେଶରେ ତୃତୀୟ ସ୍ଥାନରେ ରହିଛି। ଦୁଷ୍କର୍ମ ମାମଲାରେ ଓଡିଶା ଦେଶରେ ଷଷ୍ଠ ସ୍ଥାନରେ ରହିଛି। ରାଜ୍ୟରେ ମହିଳା ହିଂସା ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ମାତ୍ର ୬.୨ ପ୍ରତିଶତ ଏଥିରେ କୋର୍ଟ କଚେରୀରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ସିଂହ ଭାଗ ଅପରାଧୀ ଖସି ଯିବାରେ ସଫଳ ହେଉଛନ୍ତି। ୨୦୧୭ ମସିହାରେ ରାଜ୍ୟରେ ୨୨୨୧ ଟି ଧର୍ଷଣ ମାମଲା ପଂଜୀକୃତ ହୋଇଥିଲା। ରାଜ୍ୟରେ ନାବାଳିକା ଦୁଷ୍କର୍ମ ମାମଲା ଉଦବେଗଜନକ ପରିସ୍ଥିତିରେ ଥିବା ଖୋଦ ସରକାର ମଧ୍ୟ ସ୍ୱୀକାର କରିଛନ୍ତି। ଏପରି ପରିସ୍ଥିତିରେ ନବୀନ ପଟ୍ଟନାୟକ ମହିଳା ମାନଙ୍କ ସ୍ୱାର୍ଥରେ କଥା କହିବା ଶହେ ମୂଷା ଖାଇ ବିଲେଇର ତୀର୍ଥ ଯାତ୍ରା ସହ ସମାନ ବୋଲି କହିଛନ୍ତି ଶ୍ରୀ ପୁରୋହିତ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର ଉପସ୍ଥିତ ଥିଲେ।

## ଭୁଷୁଡି ପଡିଛି ...

ଦାବି କରୁଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି ଯେ, ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ବିଇଓ ଆଶ୍ରମ ସ୍କୁଲକୁ ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନସିକ ନିର୍ଯାତନା ଦେଇଥିଲେ । ଏପରିକି ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାରିଦେବାର ଧମକ ମଧ୍ୟ ଦେଇଛନ୍ତି । ବ୍ଲକ ଅଧ୍ୟକ୍ଷ ଶ୍ରୀ ମାଝୀ ତାଙ୍କ ବିବାହ ଉତ୍ସବ ପାଇଁ ସମସ୍ତ ହଷ୍ଟେଲ ସ୍କୁଲରୁ ୧୫,୦୦୦/- ଲେଖାଏଁ ନେଇଥିଲେ। କିନ୍ତୁ ଶ୍ରୀମତୀ ସେନାପତି ଚାନ୍ଦା ଦେଇନଥିଲେ। ପୁଣି ଦଶହରା ଭେଟି ପାଇଁ ୧୦,୦୦୦/- ଟଙ୍କା ମାଗିଥିଲେ ତାହା ମଧ୍ୟ ଦେଇନଥିଲେ। ଏଣୁ ତାଙ୍କୁ ଅକ୍ରୋଶ ମୂଳକ ଭାବରେ ହଇରାଣ କରାଯାଉଛି । ଏହି ସବୁ ଘଟଣାକୁ ନେଇ ଶିକ୍ଷା ବିଭାଗକୁ ରାଜନୀତିରେ ସମ୍ପୃକ୍ତ କରାଗଲେ ଶିକ୍ଷାର ବିକାଶ କିଭଳି ସମ୍ଭବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଇଓଙ୍କ ଅବହେଳା ଯୋଗୁଁ ବ୍ଲକରେ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇଯାଇଛି। ଗ୍ରାମାଞ୍ଚଳରେ ଶିକ୍ଷକ ସଂଖ୍ୟା ଛାତ୍ର ତୁଳନାରେ ବହୁତ କମ୍ ଅଛନ୍ତି, ଅନେକ ଶିକ୍ଷକ ବିଦ୍ୟାଳୟକୁ ମାସ ମାସ ଧରି ଯାଉନଥିଲେ ମଧ୍ୟ ଏଥିପ୍ରତି ବିଇଓ ଆଖି ବୁଜି ଦେଇଥିଲେ। ପୂର୍ବତନ ଡିଇଓଙ୍କ ସହ ମିଶି ବଦଳି କାରାଇବାରେ ଅନିୟମିତତା କରିଥିବା ଚର୍ଚ୍ଚା ହେଉଛି । ଏଭଳି ଅଧିକାରୀ ରାଜନେତାଙ୍କ ଇଶାରାରେ ପରିଚାଳିତ ହେଉଥିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲ ସନ୍ଦେହ ପ୍ରକଟ କରିଛି। କିନ୍ତୁ ଶିକ୍ଷାର ବିକାଶ ପ୍ରତି ଗୁରୁତ୍ୱ ଦେଇ ନେଥିଲେ। ବିଧାୟକ ବଳଭଦ୍ର ମାଝୀଙ୍କ ପ୍ରଚେଷ୍ଟାରେ ଶ୍ରୀ ମାଝୀ ବ୍ଲକ ଅଧ୍ୟକ୍ଷ ହୋଇପାରିଥିଲେ। ହେଲେ ଅଧ୍ୟକ୍ଷ ହେବାର ଦୁଇବର୍ଷ ପୂରଣ ହେବାକୁ ଯାଉଥିଲେ ମଧ୍ୟ ବ୍ଲକରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଇନାହାନ୍ତି। ଟାଣୁଆ ବିଧାୟକଙ୍କ ସମ୍ପର୍କୀୟ କେକେଡିଏ ସୂଚନା ଯୋଗାଇବାରେ ବିଳମ୍ବ କରୁଥିବା ଯୋଗୁଁ ଆଇନର ଆଶ୍ରୟନେବା ପାଇଁ ସ୍ୱେଚ୍ଛାସେବୀଙ୍କୁ ଧମକ, ଆଦିବାସୀ, କୁଟିଆ ମାନଙ୍କର ବିଶେଷ ଉନ୍ନତି କରିବା ସକାଶେ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିଲେ ମଧ୍ୟ ବିକାଶର ନାଁ ଗନ୍ଧ ନାହିଁ। ସେମାନଙ୍କ ସ୍ୱତନ୍ତ୍ର ବିକାଶ ପାଇଁ 'କୁଟିଆ କନ୍ଧ ଡେଭଲପମେଣ୍ଟ ଏଜେନ୍ସି' ଲାଞ୍ଜିଗଡରେ ଖୋଲାଯାଇଛି । ଏହି ସଂସ୍ଥା ପାଇଁ କୋଟି କୋଟି ଟଙ୍କା ଆସୁଛି। କିନ୍ତୁ କୁଟିଆଙ୍କର ବିକାଶ ବଦଳରେ ବାଟ ମାରଣା ଚାଲିଛି । ଶାସକ ଦଳର ଜନୈକ ନେତା ନିଜକୁ କୁଟିଆ ନେତା ବୋଲି କହି କୁଟିଆମାନଙ୍କ ପାଖରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କିନ୍ତୁ କୁଟିଆଙ୍କ ବିକାଶ ପାଇଁ ଆସୁଥିବା ଅର୍ଥ କିପରି ଖର୍ଚ୍ଚ ହେଉଛି ସେଥିପ୍ରତି ତାଙ୍କର ନିଘା ନାହିଁ। କୋଟି କୋଟି ଟଙ୍କାର ବାଟ ମାରଣା ହେଉଥିଲେ ବି ସେ ନିରବ ରହୁଛନ୍ତି। ଏଣୁ ସ୍ୱେଚ୍ଛାସେବୀ ନାନ୍ଦରାଜ ନାଏକ ଗତ.୩୦.୦୭.୨୦୧୮ ରିଖରେ ପିଏଆଇଟିଡିଏ, ଥୁ.ରାମପୁର ଠାରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ହେଲେ ଆଇଟିଡିଏ ଥୁ.ରାମପୁର ଚିଠି ନଂ-୮୪୩ ତା.୦୮.୦୮.୨୦୧୮ ରିଖରେ ଆବେଦନକାରୀଙ୍କୁ ଜଣାଇଛନ୍ତି ଯେ, ତଥ୍ୟ ଯୋଗାଇ ଦେବା ସକାସେ କେକେଡିଏ ଲାଞ୍ଜିଗଡଙ୍କୁ ଚିଠି କରାଯାଇଛି। ଆଇଟିଡିଏ ଠାରୁ ଚିଠି ଯାଇଥିଲେ ମଧ୍ୟ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେବ କେକେଡିଏ ସୂଚନା ଆବେଦନ କାରୀଙ୍କୁ ତଥ୍ୟ ଯୋଗାଇ ଦେଉନାହାନ୍ତି। କହୁଛନ୍ତି ଏଭଳି ତଥ୍ୟ ଦେବାକୁ ଆମ ପାଖକୁ କୌଣସି ଚିଠି ଆସି ନାହିଁ । ଏଣୁ ଶ୍ରୀ ନାଏକ ୨୨.୧୦.୨୦୧୮ ରିଖରେ କେକେଡିଏ ଲାଞ୍ଜିଗଡ ସ୍ୱତନ୍ତ୍ର ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ଯେ, ତଥ୍ୟ ଦେବାରେ ଆରଟିଆଇ୨୦୦୫ ଆଇନର ଉଲଙ୍ଘନ କରାଯାଇ ତଥ୍ୟ ଯୋଗାଇ ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏଣୁ କେକେଡିଏ ସଂସ୍ଥା ବିରୁଦ୍ଧରେ ଆଇନର ଆଶ୍ରୟ ନେବାପାଇଁ ସ୍ୱେଚ୍ଛାସେବୀ ଶ୍ରୀ ନାଏକ ମଧ୍ୟ ଧମକ ଦେଇଛନ୍ତି।

ଏକମାତ୍ର EKAMAATRA
ଅନୁସନ୍ଧାନ ପରେ ଖବର

ବିଚିତ୍ରା

ଭୁବନେଶ୍ୱର, ୨୬ ନଭେମ୍ବର - ୦୨ ଡିସେମ୍ବର, ୨୦୧୮



ପର୍ଯ୍ୟଟନ

# ଶାନ୍ତ ପରିବେଶ ମଣିଷ ମନରେ ସୃଷ୍ଟିକରେ ଭକ୍ତିଭାବ

'ଏକମାତ୍ର' ଖବର କାଗଜର ସମ୍ପାଦକ ଅଗ୍ରଜଙ୍କ ତାଗିଦ୍ ପରେ ପୁଣି ଥରେ ଏଠାରେ ସ୍ତମ୍ଭ ଲେଖିବା ପାଇଁ ସମୟ ବାହାର କଲି। ପ୍ରକୃତରେ ଗୋଆ ଉପରେ ସ୍ତମ୍ଭଟିଏ ଲେଖିବା ପାଇଁ ମୁଁ ୫/୬ ବର୍ଷ ତଳୁ ଚିନ୍ତା କରିଥିଲେ ମଧ୍ୟ ସମୟ ଅଭାବରୁ ତାହା ସମ୍ଭବ ହୋଇ ପାରୁନଥିଲା। କିନ୍ତୁ ଏବେ ଅଗ୍ରଜ ମାନଙ୍କ ଦାଗିଦ୍ ପରେ ଏହା ସମ୍ଭବ ହୋଇପାରୁଛି। ତେଣୁ ସେମାନଙ୍କୁ ଧନ୍ୟବାଦ ତ ନିଶ୍ଚୟ ଦେବି। ଆପଣ ମାନଙ୍କୁ ଗତ କିଛିଦିନ ହେବ ଗୋଆର ଚର୍ଚ୍ଚ ଗୁଡିକ ବିଷୟରେ ସୂଚନା ଦେଉଛି। ଆଜିର ସ୍ତମ୍ଭରେ ଆସନ୍ତୁ ଜାଣିବା ଗୋଆର ଆଉ ଏକ ପ୍ରସିଦ୍ଧ ଚର୍ଚ୍ଚ ବିଷୟରେ। ସେହି ଚର୍ଚ୍ଚଟିର ନାଁ ହେଉଛି ଚର୍ଚ୍ଚ ଅଫ୍ ଫ୍ରାନସିସ୍ ଅଫ୍ ଆସିସି। ଏହି ଚର୍ଚ୍ଚଟି ପୁରୁଣା ଗୋଆରେ ଅବସ୍ଥିତ। ପ୍ରକୃତରେ ଆପଣ ଯେବେ ବି ପୁରୁଣା ଗୋଆ ବୁଲିବାକୁ ଯିବେ ସେତେବେଳେ ଯଦି କୌଣସି ଗାଇଡ୍ କିମ୍ବା ବନ୍ଧୁଙ୍କୁ ନେଇ ବୁଲିବେ, ସେତେବେଳେ ସେମାନେ ଆପଣଙ୍କୁ ଏହି ଚର୍ଚ୍ଚକୁ ଯିବା ପାଇଁ ପ୍ରଥମେ ନିହାତି କହିବେ। ତା'ର କାରଣ ହେଉଛି ଏହି ଚର୍ଚ୍ଚଟି ଏବେ ଏକ ବିଶାଳ ମ୍ୟୁଜିୟମରେ ପରିଣତ ହୋଇଛି। ଆମେ ମଧ୍ୟ ଯେତେବେଳେ ଗେଷ୍ଟହାଉସ୍‌ରୁ ବାହାରିଲୁ ସେତେବେଳେ ଆମ ଗାଡି ଚାଳକ ତଥା ମୋର ଗାଇଡ୍ ସୁମିତ୍ ଏହି ମ୍ୟୁଜିୟମ ସମ୍ପର୍କରେ ଅନେକ ସୂଚନା ଦେଉଥିଲେ। ଏହାରି ଭିତରେ ଆମେ ପହଞ୍ଚି ଯାଇଥିଲୁ ଚର୍ଚ୍ଚ ନିକଟରେ। ଚର୍ଚ୍ଚ ଭିତରକୁ ପ୍ରବେଶ କରିବା ବେଳକୁ ଏହାର ସମ୍ମୁଖ ଭାଗର ସ୍ଥାପତ୍ୟ ପ୍ରକୃତରେ ମନୋମୁଗ୍ଧକର ଥିଲା। ସେହିପରି ଆମେ ଯେତେବେଳେ ଭିତରକୁ ପ୍ରବେଶ କରୁଥିଲୁ ସେତେବେଳେ ଆମକୁ ଗାଡି ଚାଳକ ଏ ଚର୍ଚ୍ଚ ସମ୍ପର୍କରେ ଅଧିକ ସୂଚନା ଦେଇ ଚାଲିଥିଲେ। ଯାହା ଜାଣିବାକୁ ପାଇଥିଲି, ଏହି





ଚର୍ଚ୍ଚ ଜଣେ ଖ୍ରୀଷ୍ଟିୟ ସନ୍ଥ ୧୫୨୧ ମସିହା ବେଳକୁ ନିର୍ମାଣ କରିଥିଲେ। ପରେ ଏହାର ପୁନଃନିର୍ମାଣ କରାଯାଇଛି। ବିଭିନ୍ନ ସମୟରେ। ଆଉ ଏପରି ସୌନ୍ଦର୍ଯ୍ୟମୟ ବିଶାଳ ରୂପ ଲାଭ କରିଛି। ତେବେ ଆପଣ ଯେତେବେଳେ ଚର୍ଚ୍ଚ ଭିତରକୁ ପ୍ରବେଶ କରିବେ ଭିତରର ସ୍ଥାପତ୍ୟ ଦେଖିବା ପରେ ଏକ ଅଦ୍ଭୁତ ଅନୁଭବ ନିହାତି ଆସିବ। ଏତେ ସୁନ୍ଦର କାରୁକାର୍ଯ୍ୟ ସତରେ ଆପଣମାନଙ୍କୁ ବିମୋହିତ କରିବ। ଏପରି ସ୍ଥାପତ୍ୟକୁ ନେଇ ମୋ ମନରେ ଅନେକ ପ୍ରଶ୍ନ ଥିଲେ ମଧ୍ୟ ସେ ସବୁକୁ ଚାପି ରଖି ମୁଁ କେବଳ ଚର୍ଚ୍ଚ ଭିତରର କଳାକାରୁକାର୍ଯ୍ୟକୁ ଦେଖିବାକୁ ଲାଗିଲି। ଭିତରେ ଥିବା ବେଦୀରେ ପ୍ରଭୁ ଯୀଶୁଙ୍କର ଏକ ବିଶାଳ ମୂର୍ତ୍ତି ରହିଥିବା ସହ ସେଣ୍ଟ ଫ୍ରାନସିସ୍ ଅଫ୍ ଆସିସ୍‌ଙ୍କର ପ୍ରତିମୂର୍ତ୍ତି ମଧ୍ୟ ରହିଥିଲା। ପରିବେଶ ଥିଲା ସମ୍ପୂର୍ଣ୍ଣ ଶାନ୍ତ। ପ୍ରକୃତରେ ମୋର ଯାହା ଅନୁଭବ ହେଲା, ଶାନ୍ତ ପରିବେଶ ମଣିଷ ମନ ଭିତରେ ଭକ୍ତି ଓ ସମର୍ପଣ ଭାବ ସୃଷ୍ଟି କରିବାର ପ୍ରଥମ ଉପାଦାନ। ସେଥିପାଇଁ ବୋଧେ ମୁନିଋଷିମାନେ ଘଞ୍ଚ ଜଙ୍ଗଲ, ନିକାଞ୍ଚନ ପାହାଡିଆ ଅଞ୍ଚଳରେ ରହିଥାନ୍ତି ଏବଂ ସାଧନାପ୍ରାପ୍ତି ପାଇଁ ତପସ୍ୟା ମଧ୍ୟ କରିଥାନ୍ତି। ଆମେମାନେ ବଞ୍ଚୁଥିବା ସହରିଆ ବ୍ୟସ୍ତ ବହୁଳ ପରିବେଶରେ ସାଧନା କରିବା ମୋ ମତରେ ସମ୍ଭବ ନୁହେଁ। ମୁଁ ଏପରି ପରିବେଶକୁ ଜମାରୁ ହାତ ଛଡା କରିବା ପାଇଁ ଚାହୁଁନଥିଲି। କିଛି ସମୟ ଆଖିବୁଜି ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ ଲାଗିଲି। ପ୍ରକୃତରେ ସେ ସମୟରେ ମୋର ଯାହା ଅନୁଭବ ହୋଇଥିଲା, ତାହା ଆପଣ ମାନଙ୍କୁ ବର୍ଣ୍ଣନା ମଧ୍ୟ କରିପାରୁନାହିଁ। ତାହା ଅବର୍ଣ୍ଣନୀୟ। ଆମେ ଏହାପରେ ନିକଟରେ ଥିବା ଏକ ମ୍ୟୁଜିୟମ୍ ଦେଖିବାକୁ ଯାଇଥିଲୁ। ପ୍ରକୃତରେ ମୁଁ ଯାହା ସୂଚନା ପାଇଲି ଯେ, ୧୯୬୪ ମସିହାରେ ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଏହି ମ୍ୟୁଜିୟମର ପ୍ରତିଷ୍ଠା କରିଥିଲେ। ପର୍ତ୍ତୁଗୀଜ ଶାସନ ସମୟର ଅନେକ ଦର୍ଶନୀୟ ବସ୍ତୁ ଏଠାରେ ପ୍ରଦର୍ଶିତ କରାଯାଇଛି। ପର୍ତ୍ତୁଗୀଜ ଶାସକ ମାନଙ୍କର ଚିତ୍ର ମଧ୍ୟ ଏଠାରେ ଆପଣ ଦେଖିବାକୁ ପାଇବେ। ମୋ ମତରେ ଯେଉଁମାନେ ଇତିହାସରେ ରୁଚି ରଖନ୍ତି ସେମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ଗୋଆରେ ପର୍ତ୍ତୁଗୀଜୀ ଶାସନ ସମୟ ଇତିହାସର ଅନେକ ଅଜଣା ତଥ୍ୟ ଏଠାରେ ଆପଣମାନେ ଜାଣିବାକୁ ପାଇବେ। ମ୍ୟୁଜିୟମ୍ ବୁଲି ସାରିବା ପରେ ଆମେ ଗେଷ୍ଟହାଉସକୁ ବାହାରିଥିଲୁ। ରାସ୍ତାରେ ଆସିବା ବେଳେ ମୋର ଗାଡି ଚାଳକ ମୋତେ ସୂଚନା ଦେଇଥିଲେ ଯେ, ଗୋଆର ପ୍ରାୟ ପ୍ରସିଦ୍ଧ ଚର୍ଚ୍ଚ ଗୁଡଇକ ଆମେ ବୁଲି ସାରିଲେଣି, ଆଉ ଦୁଇଦିନ ଭିତରେ ଅନ୍ୟ ଗୁଡିକ ଶେଷ ହୋଇଯିବ। ଯାହା ଜାଣି ମୁଁ ବହୁତ ଖୁସି ହେଲି। କାରଣ ଏହାପରେ ଗୋଆରେ ଥିବା ରୋମାଞ୍ଚକର ସମୁଦ୍ରକୂଳର ଅନୁଭୂତି ସମ୍ପର୍କରେ ଆପଣମାନଙ୍କୁ ଏହି ସ୍ତମ୍ଭରେ ସୂଚନା ଦେବି। **କ୍ରମଶଃ...**








ଉପସ୍ଥାପନା
ଜାହ୍ନବୀସୁତ

## ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମାୟା ଜାଲରେ ମହିଳା ଗୋଷ୍ଠୀ

**ଖୋର୍ଦ୍ଧା :** ରାଜ୍ୟରେ ଚିଟ୍‌ଫଣ୍ଡ କମ୍ପାନୀର ଜାଲରେ ଲୋକେ ଅର୍ଥ ଜମା କରି ସର୍ବସ୍ୱାନ୍ତ ହୋଇଯାଇଥିବା ବେଳେ ବର୍ତ୍ତମାନ ଗାଁ ଗହଳିରେ ମହିଳାମାନଙ୍କର ଆର୍ଥିକ ବିକାଶର ଦ୍ୱାହି ଦେଇ ଖୋର୍ଦ୍ଧା ସହର ଏବଂ ଏହାର ଆଖାପାଖ ଅଞ୍ଚଳରେ ବହୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗାଁକୁ ଗାଁ ବୁଲି ମହିଳା ଗୋଷ୍ଠୀମାନ ଗଠନ କରି ପ୍ରତି ସପ୍ତାହରେ ମାତ୍ରାଧିକ ହାରରେ ସୁଧ ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ଏହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ସାପ୍ତାହିକ ଯେଉଁ ସୁଧ ସଂଗ୍ରହ କରନ୍ତି ଯାହାକି ମହାଜନର ଚକ୍ରବୃଦ୍ଧି ସୁଧ ଠାରୁ ବହୁ ମାତ୍ରାରେ ଅଧିକ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ନାମାକୁ ବେଖାତିର କରି ଏହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡ଼ିକ ମନଇଚ୍ଛା ସୁଧ ଆଦାୟ କରିଥାନ୍ତି। ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଥିବାରୁ ଗ୍ରାମାଞ୍ଚଳର ମହିଳାମାନେ ଏହାର ଶିକାର ହେଉଛନ୍ତି। ଏହି ମହିଳା ଗୋଷ୍ଠୀର ଜଣେ ଜଣେ ସଦସ୍ୟ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଋଣ ନେଇ ନିଜର ବ୍ୟକ୍ତିଗତ କାମରେ ଲଗାଉଥିବା ବେଳେ ଗୋଷ୍ଠୀମାନଙ୍କର ସାମୁୟିକ ଭାବରେ ଆର୍ଥିକ ବିକାଶ ଦିଗରେ ଆଖି ଦୃଶିୟା ଅଗ୍ରଗତି ହୋଇନାହିଁ। ଏପରିକି କେତେକ ମହିଳା ଗୋଷ୍ଠୀର ସଦସ୍ୟମାନେ ତିନି ଚାରି ଗୋଟି ଅଲଗା ଅଲଗା ଗୋଷ୍ଠୀ ଗଠନ କରି ଋଣ ନେଇ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଅର୍ଥ ବିନିଯୋଗ କରିବାର ବହୁ ଉଦାହରଣ ରହିଛି। ଖୋର୍ଦ୍ଧା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୨୦ରୁ ଅଧିକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସେମାନଙ୍କର କାୟାବିସ୍ତାର କରି ଗାଁ ଗହଳି ମହିଳାଙ୍କର ଆର୍ଥିକ ବିକାଶର ନାରାଦେଇ ଶୋଷଣ କରିବାରେ ଲାଗି ପଡ଼ିଥିବା ବେଳେ ପ୍ରଶାସନ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ଦଲାଲଙ୍କ କବ୍‌ଜାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ

**ଜଗତସିଂହପୁର,(ସୁଶାନ୍ତ କୁମାର ରାଉତ) :** ରାଜ୍ୟରେ ସବୁ ପ୍ରକାର ଯାନର ମାଲିକ ତଥା ଚାଳକ ପ୍ରମାଣପତ୍ର ସୁରୁଖୁରୁରେ କରିବା ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାର ମିଳିତ ଉଦ୍ୟମରେ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ସ୍ଥାପନ କରାଯାଇଛି। କିନ୍ତୁ ଅଧିକାଂଶ କାର୍ଯ୍ୟାଳୟରେ ଯାନର କାଗଜପତ୍ର ତଥା ଚାଳକ ପ୍ରମାଣ ପତ୍ର ପଇଠ କରିବା ପାଇଁ ଧାର୍ଯ୍ୟ ଅର୍ଥ ସମ୍ପର୍କିତ ସୂଚନା ଦିଆଯାଇ ନଥିବାରୁ ଉପଭୋକ୍ତାମାନେ ଦଲାଲଙ୍କ ଶିକାର ହେବାକୁ ବାଧ୍ୟ ହେଉଛନ୍ତି। ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନରେ ଦୁର୍ନୀତି ହେଉଥିବା ନେଇ ବାରମ୍ବାର ତଥା ପଦାକୁ ଆସୁଛି। ଏହାରି ଭିତରେ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କିଭଳି ବେଆଇନ କାମ ଚାଲିଛି ତାହା ଚିନ୍ତାଜନକ। ଏଠାରେ ଜନ ସାଧାରଣଙ୍କ ପାଇଁ ରେଟ୍ ଚାର୍ଟ ସୁବିଧା ଯୋଗାଇ ଦିଆଯାଇଥିଲେ ସୁଧା ଏହି କାର୍ଯ୍ୟାଳୟ ପକ୍ଷରୁ ଏହାକୁ ସାର୍ବଜନୀନ କରାଯାଉନାହିଁ। ଯେଉଁଥିପାଇଁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ସୂଚନା ଅନୁସାରେ ଦଲାଲମାନେ ଏଠାରେ ପରିବହନ କାର୍ଯ୍ୟାଳୟର ସବୁ ଦାୟିତ୍ୱ ତୁଲାଉଛନ୍ତି। କୌଣସି ବ୍ୟକ୍ତି ଯାନର ପଞ୍ଜିକରଣ, ଫିଟନେସ୍, ପରମିଟ୍ ତଥା ଚାଳକ ପ୍ରମାଣ ପତ୍ର ପାଇଁ କେତେ ଟଙ୍କା ଖର୍ଚ୍ଚହେବ ବୋଲି କାର୍ଯ୍ୟାଳୟର କର୍ମଚାରୀଙ୍କୁ ପଚାରିଲେ ସେମାନେ ସଠିକ୍ ଉତ୍ତର ନ ଦେଇ ସିଧାସଳଖ ଆରଟିଓ ଏବଂ ଏମଭିଆଇଙ୍କ ନିକଟକୁ ପଠାଇ ଦିଅନ୍ତି। ତତ୍‌ପରେ ଆରଟିଓ ଏବଂ ଏମଭିଆଇ କହିଥାନ୍ତି ଯେ, ଆମ୍ଭର କମ୍ପୁଟର ପିଲା ଆଛନ୍ତି ତେଣୁ ହେଲ୍‌ପ ଡେସ୍କକୁ ଯାଅ। ସେଠାକୁ ଗଲେ କମ୍ପୁଟର ପିଲା କୁହନ୍ତି ଯେ ଆମେ ଅଫିସ କାମ କରିବୁ ନା ତୁମକୁ ରେଟ ଚାର୍ଟ ଧରାଇବୁ। ତେଣୁ କାର୍ଯ୍ୟ ପାଇଁ ଜନସାଧାରଣ ବାରମ୍ବାର ଦୌଡି ନୟାନ୍ତ ହେଉଥିଲେ ବି ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ବାଧ୍ୟରେ ଦଲାଲଙ୍କ ସହାୟତା ନେଲେ ସେମାନେ ଯେଉଁ ହିସାବ ଦିଅନ୍ତି ତାହା ସରକାର ଧାର୍ଯ୍ୟ କରିଥିବା ଅର୍ଥର ଦୁଇଗୁଣରୁ ଅଧିକ। ଦଲାଲଙ୍କ କହିବା ଅନୁସାରେ ଆପଣଙ୍କ ସମ୍ପୂର୍ଣ୍ଣ ଅର୍ଥରୁ ଅଫିସର, କିରାଣୀ ହାତଖର୍ଚ୍ଚ ନେବେ ନଚେତ୍ ତୁମ ଫାଇଲ ଆଗକୁ ଯାଇପାରିବ ନାହିଁ। ତା'ପରେ ଆମ ମାନଙ୍କ ପାରିଶ୍ରମିକ ଖର୍ଚ୍ଚ ଅଛି। ଏତଦ୍ ବ୍ୟତୀତ କେତେକ ଦଲାଲ ଏହି କାର୍ଯ୍ୟାଳୟ ଗେଟ୍ ବାହାରେ ଠିଆ ହୋଇ ଜନସାଧାରଣ ହାତରୁ ଜବରଦସ୍ତ ଫାଇଲ ପତ୍ର ଛଡାଇ ନେଇ କାମ କରିଦେବୁ ବୋଲି କହି ମଧ୍ୟ ଧମକ ଦେଇଥାନ୍ତି। ସବୁଠୁ ବଡ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଯାନର ପ୍ରମାଣ ପତ୍ର, ତଥା ଚାଳକ ପ୍ରମାଣପତ୍ର ଫାଇଲ ଉପରେ ସରକାରୀ କର୍ମଚାରୀ ମାନଙ୍କ ଦସ୍ତଖତ କରାଯିବା ପୂର୍ବରୁ ଦଲାଲ ମାନଙ୍କ ନାମ ଲେଖାଯାଇଥାଏ କାହିଁକି ? ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟଳୟ ସ୍ଥାପନ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗୁଡିକୁ ଯଦି ଜବତ କରାଯାଏ ତେବେ ଅସଲ ରହସ୍ୟ ପଦାକୁ ଆସିବ। ଏଥିପ୍ରତି ରାଜ୍ୟ ପରିବହନ କମିଶନର ତଥା ଜଗତସିଂହପୁର ଜିଲ୍ଲାପାଳ ଦୃଢ ପଦକ୍ଷେପ ନେବାକୁ ସର୍ବସାଧାରଣରେ ଦାବି ହେଉଛି।

## ସର୍ବଶିକ୍ଷା ଅଭିଯାନ ପାଲଟିଛି ଏକ ପ୍ରହସନ

**ଖୋର୍ଦ୍ଧା :** ସର୍ବଶିକ୍ଷା ଅଭିଯାନ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ଧାର୍ଯ୍ୟ ଲକ୍ଷ ପୂରଣ ହୋଇ ପାରୁ ନାହିଁ। ସିଆରସିସିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ବଡ଼ପଣ୍ଡାଙ୍କ ପର୍ଯ୍ୟନ୍ତ ବ୍ୟୟ ବରାଦ କରାଯାଇଥିବା ଟଙ୍କାରୁ ୮୦ ପ୍ରତିଶତ ଟଙ୍କା ଲୁଟି ନେଉଛନ୍ତି। ବାହାର ପରିବେଶ ବାହାର ଉନ୍ନତି କରଣ, ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଉପକରଣ, ବିଦ୍ୟାଳୟର ସାଜସଜା ପ୍ରଭୃତି ବ୍ୟତୀତ ଛାତ୍ରଛାତ୍ରୀମାନଙ୍କର ଉନ୍ନତି କରଣ ପ୍ରକୃତରେ ହେଉଛି କି ? ଶିକ୍ଷକମାନେ ଯଦି ଗୃହ ନିର୍ମାଣ କରିବେ ଘରକୁ ଯାଇ ପିଲାମାନଙ୍କୁ ଆଣିବେ, ପ୍ରତ୍ୟେକ ଦିନ ଓ ପ୍ରତିମାସରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ଡ୍ରଇଁ ବୋର୍ଡ଼ରେ ବିଭିନ୍ନ ରଙ୍ଗରେ ଚିହ୍ନିତ ହୋଇ ମରାଯିବା, ଅଳ୍ପସଂଖ୍ୟକ ଶିକ୍ଷକ ଯୋଗୁଁ ଏହା ସମ୍ଭବ ହୋଇ ପାରୁ ନାହିଁ। ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି।

# ନିଶା ହେଲା କାଳ; ୩ଜଣଙ୍କୁ ପିଟି ମାରିଲା ଯୁବକ

**ମହାକାଳପଡ଼ା :** କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ଘଟିଯାଇଛି ଏକ ଲୋମଟାଙ୍କୁଡା ଘଟଣା। ଏହି ଘଟଣା ଲୋକଙ୍କ ଛାତିକୁ ଥରାଇ ଦେଇଛି। ଫଳରେ ସାରା ଗାଁର ଲୋକ ଭୟ ଓ ଆତଙ୍କରେ ଶିହିରି ଉଠିଛନ୍ତି। ସମସ୍ତଙ୍କ ଆଖିରେ ଖାଲି ଲୁହ ଆଉ ଲୁହ। ଗାଁର ଜଣେ ମଦ୍ୟପ ଯୁବକ ନିଶାଶକ୍ତ ଅବସ୍ଥାରେ ନିଜ ପରିବାରର ତିନିଜଣଙ୍କୁ ପିଟି ପିଟି ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାଥା ଉକି, ମଧୁସୂଦନପୁର ଗ୍ରାମର ଅକ୍ଷୟ ଦାସଙ୍କ ପୁଅ ଅମର ପ୍ରଚୁର ମଦ୍ୟପାନ କରି ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଘରକୁ ଫେରିଥିଲା। ଘରେ ସ୍ତ୍ରୀ ସହ ପାଟିତୁଣ୍ଡ କରି ମାରଧର କରିଥିଲା। ଏହା ଦେଖି ବାପା ଅକ୍ଷୟ ଓ ମା' କେତକୀ ପୁଅକୁ ଅଟକାଇବାକୁ ଚେଷ୍ଟା କରିବାରୁ ସ୍ତ୍ରୀକୁ ଛାଡ଼ି ସେମାନଙ୍କୁ ମଧ୍ୟ କାଠ ଫାଳିଆରେ ପିଟିଥିଲା। ଅମରର ମାଡ଼ରେ ତା'ର ମା' ତଳେ ପଡ଼ିଯାଇଥିଲେ। ହେଲେ ବାପା ଜୀବନ ବଞ୍ଚାଇବାକୁ ଯାଇ ନିଜ ଘରକୁ ଲାଗିଥିବା ସଂପର୍କୀୟ ଦାଦା ଧ୍ରୁବ ଦାସଙ୍କ ଘରକୁ ପଶି ଯାଇଥିଲେ। ତେବେ ମଦ୍ୟପ ଅମର ତାଙ୍କ ପଛେ ପଛେ ଯାଇ ବାପାଙ୍କୁ ପୁଣି ମାରିବା ବେଳେ ସଂପର୍କୀୟ ଜେଜେ ଧ୍ରୁବ(୭୫), ଜେଜେ ମା' ସରସ୍ୱତୀ (୭୦) ଓ ପିଉସୀ ପ୍ରତିମା(୪୫) ତାକୁ ଅଟକାଇ ଥିଲେ। ଅମର ବାପାଙ୍କୁ ଛାଡ଼ି ସେମାନଙ୍କୁ କାଠ ଫାଳିଆରେ ନିସ୍ତୁକ ପିଟିଥିଲା। ଫଳରେ ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ। ବିଳମ୍ବିତ ରାତିରେ ପାଟିତୁଣ୍ଡ ଶୁଣି ପଡ଼ୋଶୀମାନେ ଉଠି ପଡ଼ିବାରୁ ଅମର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀମାନେ ଆହାତ ଧ୍ରୁବ, ସରସ୍ୱତୀ, ପ୍ରତିମା ଓ କେତକୀଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ଜେଜେ ଓ ଜେଜେ ମା'ଙ୍କ ମୃତ୍ୟୁ ହୋଇ ସାରିଥିଲା। ସେଠାରୁ ଗୁରୁତର ଅବସ୍ଥାରେ କେତକୀ ଓ ମା' ପ୍ରତିମାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଉଥିବା ବେଳେ ଅଧାବାଟରେ କେତକୀଙ୍କର ମୃତ୍ୟୁ ହୋଇଥିଲା। ପ୍ରତିମା ଏବେ କଟକରେ ଚିକିତ୍ସାଧିନ ଅଛନ୍ତି। ଖବରପାଇ ପାଟକୁରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ସେତେବେଳକୁ ଅମରକୁ ପାଇନଥିଲେ। ରବିବାର ସକାଳେ କୌଣସି ସୂତ୍ରରୁ ଖବରପାଇ ଜିଲ୍ଲା ସ୍ପେଶାଲ ସ୍କ୍ୱାର୍ଡ ଟିମ୍ ଓ ପାଟକୁରା ପୁଲିସ ମିଳିତ ଭାବେ ଜୋକିଆ ଗ୍ରାମରେ ଚଢ଼ଉ କରି ଆସାମୀକୁ ଧରିବାକୁ ଚେଷ୍ଟା କରିବା ବେଳେ ସେ ପୁଲିସ ଗାଡ଼ି ଦେଖି ଧାନ ବିଲରେ ଲୁଚି ଯାଇଥିଲା। ପୁଲିସ କୌଶଳ କରି ତାକୁ ସେଠାରୁ ଧରିଥିଲା। ଗ୍ରାମବାସୀଙ୍କ ଠାରୁ ପ୍ରକାଶ ଯେ ଅମର ଜଣେ ଟ୍ରାକ୍ଟର୍ ଡ୍ରାଇଭର୍ ଓ ଯାହା ରୋଜଗାର କରୁଥିଲା ତାକୁ ମଦପିଇ ଉଡ଼ାଇ ଦେଉଥିଲା। ପୂର୍ବରୁ ବହୁବାର ସେ ନିଶା ଖାଇ ଘରେ ପାଟିତୁଣ୍ଡ କରିବା ସହିତ ବାପା, ମା' ଓ ସ୍ତ୍ରୀକୁ ମାଡ଼ ମାରୁଥିଲା। ପୂର୍ବରୁ କେତେଥର ତା'ଠାରୁ ଭୀଷଣ ମାଡ଼ଖାଇ ଆହତ ହେବାପରେ ବାପା ଓ ବୋଉ ପାଟକୁରା ଥାନାରେ ତା' ବିରୋଧରେ ଅଭିଯୋଗ କରିଥିଲେ। ମାତ୍ର ଗ୍ରାମବାସୀମାନେ ବୁଝାସୁଝା କରି ଅମରକୁ ବହୁବାର ଥାନାରୁ ମୁକୁଲାଇ ଆଣିଥିଲେ। ତେବେ ମଦ ନିଶାରେ ସେ ଯେ ଦିନେ ଏଭଳି ବିଭତ୍ସକାଣ୍ଡ କରିବସିବ ଏହାକୁ ଗ୍ରାମବାସୀମାନେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି।



## ‘ବସୁଧା’ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ୧୪୭ ଗାଁକୁ ମିଳିବ ମିଠାପାଣି



**ପୁରୀ, ବ୍ରହ୍ମଗିରି :** ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଆନୁକୂଲ୍ୟରେ ବସୁଧା ଯୋଜନାରେ ପୁରୀ ଓ ଗଞ୍ଜାମ ଜିଲ୍ଲାର ୧୪୭ଟି ଗ୍ରାମକୁ ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ। ୧୮୩କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପର କାର୍ଯ୍ୟ ୨୦୨୦ମଧ୍ୟରେ ଶେଷ ହେବ। କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ନିକଟ ଚାରିଛକ ଠାରେ ଏହି ମେଗା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟାର ସମାଧାନ ହେବା ସହ ଅଞ୍ଚଳବାସୀ ମୁଣ୍ଡ ପିଛା ୭୦ଲିଟର ପିଇବା ପାଣି ପାଇପାରିବେ। ମେଗା ପ୍ରକଳ୍ପର ଶିଳାନ୍ୟାସ କରି ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଏହି ମେଗା ପ୍ରକଳ୍ପ ଦ୍ୱାରା ୧୫୦ଟି ଗ୍ରାମର ୪ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। ଏହି ପ୍ରକଳ୍ପ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩ହଜାର କୋଟି ଟଙ୍କା ପାନୀୟ ଜଳ ପାଇଁ ବର୍ଷକୁ ବ୍ୟୟ କରାଯିବ। ମହିଳାମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ସେମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ସମାବେଶରେ ସମ୍ମାନିତ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତବର୍ଷରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଓ ଦରଦୀ ମଣିଷ ବୋଲି କହିଥିଲେ। ଆଜି ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଭଲରେ ବଞ୍ଚିବା ପାଇଁ ଯାହା ଆବଶ୍ୟକ ତାହା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେଇଛନ୍ତି। ବସୁଧା ଯୋଜନାକୁ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ କରାଯାଇଛି। ସାଂସଦ ପିନାକୀ ମିଶ୍ର କହିଥିଲେ ଯେ, ୨୦୦୯ ମସିହାରେ ସଞ୍ଜୟ ଦାସବର୍ମା ବ୍ରହ୍ମଗିରିର ବିଧାୟକ ପଦବୀ ହାସଲ କରିବା ପରଠାରୁ କୃଷ୍ଣପ୍ରସାଦ ବ୍ଲକରେ କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ମେଗା ପ୍ରକଳ୍ପରେ ସ୍ଥାନ ପାଇ ନ ଥିବା କୃଷ୍ଣପ୍ରସାଦ ବ୍ଲକର ସାତୋଟି ପଞ୍ଚାୟତର ଅଧିବାସୀମାନେ କିଭଳି ପାନୀୟ ଜଳ ପାଇବେ ସେଥିପାଇଁ ଦୃଷ୍ଟିଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା କହିଥିଲେ ଯେ କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତର ଜଳସେଚନ ମାତ୍ର ଚାରି ପ୍ରତିଶତ। ବିଶୁଦ୍ଧ ପାନୀୟ ଜଳ କୃଷ୍ଣପ୍ରସାଦ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ଥିଲା। ଋଷିକୁଲ୍ୟା ନଦୀରୁ ପାନୀୟ ଜଳ ଆସି ୯୬ଟି ଗ୍ରାମକୁ ସଂଯୋଗ କରାଯିବ। ସେ କହିଥିଲେ ଯେ କୃଷ୍ଣପ୍ରସାଦକୁ ପାଇଲିନ ସହାୟତା ୨୦୦କୋଟି ଟଙ୍କା ମିଳିଛି । କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ଘର ତିଆରି ହେବାକୁ ଯାଉଛି। ଚିଲିକା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀ କିଭଳି ବଞ୍ଚିରହିବେ ସେ ଦିଗରେ ପଦକ୍ଷେପ ନେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରି ଶ୍ରୀ ଦାସବର୍ମା କହିଥିଲେ ଯେ, ଭାରତବର୍ଷର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନବୀନ ପଟ୍ଟନାୟକ ମେକ ଇନ ଓଡ଼ିଶା କରିବା ପରେ ୪ଲକ୍ଷ କୋଟି ଟଙ୍କା ଓଡ଼ିଶାରେ ବିନିଯୋଗ ହେବାକୁ ଯାଉଛି। ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ପ୍ରାରମ୍ଭରେ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଦିଲ୍ଲିପ କୁମାର ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଜିଲ୍ଲାପାଳ ଜ୍ୟୋତିପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ୧୧୯ତମ ଡ ହରେକୃଷ୍ଣ ମହତାବ ଜୟନ୍ତୀ

# ସ୍ମାରକୀ ପାଇଁ ମିଳୁନି ଜମି : ଧର୍ମେନ୍ଦ୍ର



**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ୧୧୯ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ପିଏମ୍‌ଜି ଛକଠାରେ ଏକ ସଭା କମିଟିର ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ମହତାବଙ୍କ ଅବଦାନ ଅତୁଳନୀୟ। ଏବେ ରାଜ୍ୟରେ ବିୟର କମ୍ପାନି ପାଇଁ ଜମି ମିଳୁଛି ଅଥଚ ପାଇକ ସ୍ମାରକୀ ପାଇଁ ଜମି ମିଳୁନି। ଏହି ଅବସରରେ ସେ ସମସ୍ତ ପାଇକ ଦାୟଦ ଓ ମୁରବି ମାନଙ୍କୁ ଅନୁରୋଧ କରି କହିଥିଲେ ଯେ, ସେମାନେ ମୁଖ୍ୟ ମନ୍ତ୍ରୀଙ୍କୁ ସାକ୍ଷାତ କରି ଜମି ଦେବା ପାଇଁ କୁହନ୍ତୁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଅଗରପଡ଼ାରେ ମହତାବଙ୍କ ପ୍ରତିମୂର୍ତ୍ତି ପାଇଁ ଜମି ନମିଳିଲେ ଅନଶନ କରାଯିବ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏଥିରେ ଯୋଗଦେଇ କହିଥିଲେ ଯେ, ଅଗରପଡ଼ାରେ ମହତାବଙ୍କ ପ୍ରତିମୂର୍ତ୍ତି ଓ ପାଇକ ସ୍ମାରକୀ ପାଇଁ ଜମି ନିମିଳିବା ଆଶ୍ଚର୍ଯ୍ୟ ଲାଗୁଛି। ଏଥି ପାଇଁ ପାଇକ ସମାଜ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ବିଜେପି ନେତା ଅମିୟ ଦାଶ ଏହି ଅବସରରେ କହିଥିଲେ ଯେ, ସବୁ ମହାପୁରୁଷଙ୍କୁ ସମ୍ମାନ ମିଳିବା ଉଚିତ୍, ବରୁଣେଇରେ ପାଇକ ଐତିହ୍ୟ ସ୍ମାରକି ପାଇଁ କେନ୍ଦ୍ର ସରକାର ୯୦କୋଟି ଦେଇଥିବା ବେଳେ ଜମି ନମିଳିବାରୁ ଏହା ହୋଇ ପାରୁନାହିଁ। ଅନ୍ୟ ମାନଙ୍କ ମଧ୍ୟରେ କିଶୋର ଜେନା, ଜଗନ୍ନାଥ ପ୍ରଧାନ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ଆଇନଜୀବୀ ପରିଷଦର ସଭ୍ୟ ଚିନ୍ମୟ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ପ୍ରସନ୍ନ ଚୌଧୁରୀ, ଶିକ୍ଷୟତ୍ରୀ ସସ୍ମିତା ମହାପାତ୍ର, ରାଜଶ୍ରୀ ସାମନ୍ତରାୟ, ରମେଶ ସାହୁ, ଦେବସ୍ମିତା ମହାନ୍ତି, ଚନ୍ଦ୍ର ଶେଖର ଗୁମାନସିଂ ଓ ବହୁ ବିଶିଷ୍ଟ ପ୍ରତିଭାବାନଙ୍କୁ ଡ଼ ହରେକୃଷ୍ଣ ମହତାବ ସମ୍ମାନ ପ୍ରଦାନ କରାଯାଇଥିଲା।

# ଐତିହାସିକ ବାଲିଯାତ୍ରା ଆରମ୍ଭ




**ଭୁବନେଶ୍ୱର :** କଟକର ଐତିହାସିକ ବାଲିଯାତ୍ରା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ସଂଧ୍ୟାରେ ବାଲିଯାତ୍ରାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବାଲିଯାତ୍ରା ପାଇଁ କଟକ ସହର ଚଳଞ୍ଚଳ ହୋଇଉଠିଛି। ପ୍ରତିବର୍ଷ କାର୍ତିକ ପୂର୍ଣ୍ଣିମା ଦିନ ଏହି ଗଣପର୍ବର ଆୟୋଜନ କରାଯାଇଥାଏ। ଆଗକାଳରେ ଓଡ଼ିଆ ସାଧବ ପୁଅମାନେ ନିଜ ବୋଇତରେ ବେପାର ବଣିଜ କରିବାକୁ ଯାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ଦେଶକୁ ଯାଉଥିଲେ। ସେଠାରୁ ଫେରିବା ପରେ ନଦୀ ପଠାରେ ସେଠାରୁ ଆଣିଥିବା ସାମଗ୍ରୀ ଗୁଡିକୁ ବିକ୍ରି କରୁଥିଲେ। ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ। ଚଳିତବର୍ଷ ପାଖାପାଖି ୪୪ ଏକର ଜମିରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଏଥର ୧୩ ଶହରୁ ଅଧିକ ଷ୍ଟଲ୍ ପଡିଛି। ସେଥିମଧ୍ୟରୁ ୩୫୦ଟି ଓରମାସ୍‌ର ଷ୍ଟଲ ରହିଛି। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପର୍ଯ୍ୟନ୍ତ ଏବଂ ଖାଇବା ଠାରୁ ନେଇ ଘର ସଜାଇବା ପର୍ଯ୍ୟନ୍ତ ସମସ୍ତ ଜିନିଷ ଏଠାରେ ଉପଲବ୍ଧ ହୋଇଥାଏ। ଦର୍ଶକଙ୍କ ପାଇଁ ଚଳିତ ବର୍ଷ ଚହଟା ତ୍ରିଶୁଳିଆ ଛକରୁ ମାଗଣା ବସ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଦର୍ଶକମାନେ କିଭଳି ଶୃଙ୍ଖଳିତ ଭାବେ ବାଲିଯାତ୍ରା ବୁଲି ପାରିବେ ସେଥିପାଇଁ ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବାଲିଯାତ୍ରାରେ ମୋଟ ୩୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

# ପରଲୋକରେ ବିଶିଷ୍ଟ ଗଣିତଜ୍ଞ ପିଆରୀ ଚରଣ ମହାନ୍ତି



**ପାଟକୁରା :** ଆଉ ନାହାନ୍ତି ବିଶିଷ୍ଟ ଶିକ୍ଷାବିତ୍, ଗଣିତଜ୍ଞ ପ୍ରଫେସର ଡ.ପିଆରୀ ଚରଣ ମହାନ୍ତି। ଗତ ୨୨ ତାରିଖ ଦିନ କଟକ ସାମନ୍ତସାହି ସ୍ଥିତ ବାସଭବନରେ ୮୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି। ବାରିପଦା ଏମ୍‌ପିସି କଲେଜରୁ ଅଧ୍ୟାପକ ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ଅନୁଗୁଳ, ଢେଙ୍କାନାଳ ଓ ସମ୍ବଲପୁରର ଗଙ୍ଗାଧର ମହାବିଦ୍ୟାଳୟରେ ଗଣିତ ପ୍ରଫେସର ଭାବେ କାର୍ଯ୍ୟ କରି ପରେ ଏନ୍‌ଏସ୍‌ସିବି କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ଅନନ୍ୟ ଗଣିତ ପଢ଼ାଇବା ଶୈଳୀ ଯୋଗୁ ସେ ଛାତ୍ରଛାତ୍ରୀଙ୍କ ମହଲରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଅଧ୍ୟାପନା ସହିତ ଗଣିତ ସମ୍ପର୍କିତ ଅନେକ ପୁସ୍ତକ ରଚନା କରି ଏଥିରେ ଜଟିଳ ପ୍ରଶ୍ନର ସହଜ ସମାଧାନ ସୂତ୍ର ବାହାର କରିଥିଲେ। ହିଷ୍ଟ୍ରି ଅଫ୍ ମ୍ୟାଥମେଟିକ୍ସ ତାଙ୍କ ଲିଖିତ ଶେଷ ପୁସ୍ତକ। ଗଣିତରେ ମେଧାବୀ ଛାତ୍ର ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଫେସର ମହାନ୍ତି ଶେଷ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥିଲେ। ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଭାବେ ଚାକିରିରୁ ଅବସର ନେଇଥିଲେ ବି ଶିକ୍ଷାଦାନରୁ ନିବୃତ ରହିନଥିଲେ। ଉତ୍ତମ ଶିକ୍ଷାଦାନ ପାଇଁ ସେ ରାଜ୍ୟପାଳ ପୁରସ୍କାର ପାଇବା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ପୁରସ୍କୃତ ହୋଇଥିଲେ। ସେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ଜଣାଶୁଣା ବ୍ୟକ୍ତି ସ୍ୱର୍ଗତ ଦୁର୍ଯ୍ୟୋଧନ ମହାନ୍ତିଙ୍କର ସାନଭାଇ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଇଂ.ମାନସ ରଞ୍ଜନ ମହାନ୍ତି, ମଧ୍ୟମ ପୁତ୍ର ଆଡଭୋକେଟ୍ ଆଶୀଷ ରଞ୍ଜନ ମହାନ୍ତି, କନିଷ୍ଠ ପୁତ୍ର ପ୍ରଦୋଷ ରଞ୍ଜନ ମହାନ୍ତି, ପୁତ୍ରବଧୂ ଡ. ଅଲିଭା ପଟ୍ଟନାୟକ, ଲୋରି ମହାନ୍ତି, ଲିପ୍‌ସା ବହିଦାର, କନ୍ୟା ସାଗରିକା, ସେଫାଳିକା, ସ୍ୱନ୍ଦନିକା ଏବଂ ସାନ ଜ୍ୱାଇଁ କଲ୍ୟାଣ କୁମାର ପଟ୍ଟନାୟକଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ତାଙ୍କ ପୈତୃକ ଗ୍ରାମ ମଧୁଶାସନ ଠାରେ ପ୍ରଫେସର ମହାନ୍ତିଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

# ‘ଦିନ ପରେ ଦିନ’ ଲୋକାର୍ପିତ



**ଭୁବନେଶ୍ୱର :** ‘କଥା କବିତା ଏକାଡେମୀ’ ପକ୍ଷରୁ ନାଲ୍‌କୋ ଅଡିଟୋରିୟମ୍‌ରେ କବି ଅକ୍ଷୟ ବେହେରାଙ୍କ ଏକ କବିତା ସଂକଳନ ‘ଦିନ ପରେ ଦିନ’ ଉନ୍ମୋଚିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଉନ୍ମୋଚନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ରମାକାନ୍ତ ରଥ, ଡ.ରାଜେନ୍ଦ୍ର କିଶୋର ପଣ୍ଡା, ନାଲ୍‌କୋ ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ, ବିଶିଷ୍ଟ ସାହିତ୍ୟିକ ଆଦିକନନ୍ଦ ସାହୁ ଓ ସାହିତ୍ୟିକା ପ୍ରୀତି ରାୟ ଚାନ୍ଦ ଯୋଗ ଦେଇଥିଲେ। କବିତା କବିକୁ ଆହ୍ୱାନ ଜଣାଇଲେ ହିଁ କବି ଲେଖେ। ନିଜଠୁ ଯେତେବେଳେ କବି ମୁକୁଳିଯିବା ପାଇଁ ମାଧ୍ୟମଟିଏ ଲୋଡେ ସେତେବେଳେ କବିତା ତାହାର ଏକ ମାଧ୍ୟମ ହୋଇଯାଏ। ବାରମ୍ବାର ବିଫଳ ହେବାର ପ୍ରତିଶ୍ରୁତି ହେଉଛି କବିତା ଓ ତାହା କବିତା ରଚନାର ନିରନ୍ତର ପ୍ରବାହକୁ ତ୍ୱରାନ୍ୱିତ କରିଥାଏ ବୋଲି କବି ଶ୍ରୀ ରଥ କହିଥିଲେ। ମଣିଷକୁ ସାମଗ୍ରିକ ଭାବେ ଗ୍ରହଣ କରିବା ପାଇଁ ଏକ ଗଭୀର ଆଶାବାଦ ଏବଂ ଦୁଃଖ ଓ ଯାତନା ବିରୋଧରେ ବିଦ୍ରୋହ ରହିଛି କବିତାରେ। ପରିପକ୍ୱ ସ୍ୱାଚ୍ଛନ୍ଦ୍ୟ ହିଁ ଏହି କବିଙ୍କର କାବ୍ୟଯାତ୍ରାର ଅନ୍ୟତମ ବିଭବ ବୋଲି କବି ଡ.ପଣ୍ଡା କହିଥିଲେ। ମୁଖ୍ୟଅତିଥି ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ କବିଙ୍କୁ ଶୁଭେଚ୍ଛା ଜଣାଇ କବିତା ସଂକଳନ ଓ କବିଙ୍କ ସମ୍ପାଦିତ ପତ୍ରିକା ସମ୍ପର୍କରେ ମତ ରଖିଥିଲେ। ପ୍ରଫେସର ସାହୁ ‘ଦିନ ପରେ ଦିନ’ କବିତା ସଂକଳନରୁ କେତେକ କବିତା ଆଲୋଚନା କରିଥିବା ବେଳେ ଗାଳ୍ପିକା ଚାନ୍ଦ କବିତା ସଂକଳନ ଉପରେ ବକ୍ତବ୍ୟ ରଖିଥିଲେ। କବି ଅରୁଣ ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ସାହିତ୍ୟିକ କ୍ଷୀରୋଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ବୋଇତ ବନ୍ଦାଣ ଉତ୍ସବ

# ‘ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶା’



**ଭୁବନେଶ୍ୱର :** ଉତ୍କଳର ଧର୍ମୀୟ ପରମ୍ପରା ଅନୁସାରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥାଏ। ପବିତ୍ର କାର୍ତ୍ତିକ ମାସ ଏକ ଧର୍ମ ମାସ ଭାବେ ବିଦିତ। ତେଣୁ ଏହି ମାସରେ ହବିଷ୍ୟାଳୀମାନେ ଶ୍ରୀକ୍ଷେତ୍ରକୁ ଆସି ଧର୍ମ ଅର୍ଜନ କରିବା ସହିତ ପ୍ରତିଦିନ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ମଳିପଡା ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଏହି ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ପବିତ୍ର ରାଉତରାଏ ଯୋଗ ଦେଇଥିଲେ। ଶ୍ରୀ ରାଉତରାଏ ପିଲାମାନଙ୍କୁ ଅତୀତର ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ମନେ ପକାଇ ଦେଇ କହିଥିଲେ ଯେ, ଉତ୍କଳ ଉତ୍କୃଷ୍ଟ କଳାର ରାଜ୍ୟ ହେଉଛି ଓଡ଼ିଶା। ତେଣୁ ଆମ ରାଜ୍ୟର ସାଧବ ପୁଅ ଜାଭା, ସୁମାତ୍ରା ଓ ବର୍ଣ୍ଣିଓକୁ ଯାଇ ବେପାର ବଣିଜ କରି ଏହି ସମୟରେ ଘରକୁ ଫେରୁଥିଲେ। ତେଣୁ ଇତିହାସକୁ ମନେ ରଖିବା ପାଇଁ କେବଳ ଓଡ଼ିଶା ନୁହେଁ ରାଜ୍ୟ ବାହାରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାର ମହାତ୍ମ୍ୟ ପ୍ରତିପାଦିତ ସହିତ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେଉଛି। ପଞ୍ଚୁକ ପାଞ୍ଚଦିନ ସମ୍ପୂର୍ଣ୍ଣ ନିରାମିଶ ଭୋଜନ ସହିତ ଦେବଦର୍ଶନ କରିବାର ବିଧି ପବିତ୍ରତା ଭରି ଦେଇଥାଏ। ଏହି ସମୟରେ ଗ୍ରାମାଞ୍ଚଳ ସମେତ ବିଭିନ୍ନ ମଠ ମନ୍ଦିରରେ ମଧ୍ୟ ରାସୋତ୍ସବ ଅନୁଷ୍ଠିତ ହୁଏ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ସ୍ୱରୁପାନନ୍ଦ ମିଶ୍ର ଉଦ୍‌ଘାଟନ କରିଥିଲେ।

# ଲକ୍ଷେରୁ ଅଧିକ ପଦବୀ ଖାଲି

**ଭୁବନେଶ୍ୱର :** ରାଜ୍ୟ ସରକାରୀ ଚାକିରିରେ ୧ ଲକ୍ଷ ୩୧ ହଜାରରୁ ଅଧିକ ପଦବୀ ଖାଲିପଡ଼ିଛି। ବିଧାନସଭାରେ ଏହା ସ୍ୱୀକାର କରିଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ୩୧.୦୩.୨୦୧୮ ସୁଦ୍ଧା ରାଜ୍ୟରେ ମୋଟ୍ ୧,୩୧,୫୧୮ ପଦବୀ ଖାଲିପଡ଼ିଛି। ଏଥିମଧ୍ୟରୁ ଗ୍ରୁପ୍ ‘ଏ’ ପାହ୍ୟାର ୬,୬୨୨ ପଦବୀ ଖାଲି ପଡ଼ିଥିବା ବେଳେ ଗ୍ରୁପ୍ ‘ବି’ ପାହ୍ୟାରେ ୨୫,୨୩୧ ପଦବୀ ଖାଲି। ସେହିପରି ଗ୍ରୁପ୍ ‘ସି’ ପାହ୍ୟାରେ ଓଡ଼ିଶାରେ ସର୍ବାଧିକ ୬୩,୭୩୩ ପଦବୀ ଖାଲି ପଡ଼ିଥିବା ବେଳେ ଗ୍ରୁପ୍ ‘ଡି’ ପାହ୍ୟାରେ ଖାଲିପଡ଼ିଛି ୨୨,୯୨୬ ପଦବୀ। ଗ୍ରୁପ୍ ‘ଏ’, ‘ବି’, ‘ସି’ ଓ ‘ଡି’ ପାହ୍ୟାରେ ମୋଟାମୋଟି ଭାବେ ୧,୨୦,୫୧୨ଟି ସରକାରୀ ଚାକିରି ଖାଲି ପଡ଼ିଥିବା ବେଳେ ବିଭିନ୍ନ ଗ୍ରାଣ୍ଟ ଇନ୍ ଏଡ୍ ପଦବୀରେ ଖାଲି ରହିଛି ୧୧,୦୦୬ ପଦବୀ। ବିଧାୟକ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୩୦,୨୯୯ ପଦବୀ ଖାଲି ପଡ଼ିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିବା ସ୍ୱରାଷ୍ଟ୍ର ବିଭାଗରେ ଖାଲିପଡ଼ିଛି ୧୬,୭୩୧ ଚାକିରି।







Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — Managing Editor : **Laxmipriya Dash** — Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ — ସମ୍ପାଦକ : ତାରକ ମହାନ୍ତି